ଧରିତ୍ରୀ
DHARITRI
May 3-9, 2026 ₹ 2/-
ଧରିତ୍ରୀ DHARITRI 52 Years

ଛୁଟିଦିନ

# ହାସ୍ୟ ସମ୍ରାଟ

ସଂଘର୍ଷ କରିଛନ୍ତି, ଦୁଃଖ ସହିଛନ୍ତି, ହେଲେ ଦର୍ଶକଙ୍କୁ ମନଭରି ହସେଇଛନ୍ତି। ହସ ବାଣ୍ଟୁଥିବା କେତେଜଣ ହାସ୍ୟ ସମ୍ରାଟଙ୍କ କଥା ଏଥରର ପ୍ରଚ୍ଛଦରେ..

ପ୍ରଚ୍ଛଦ ପ୍ରସଙ୍ଗ ୩



## ଶୁଖିଲା ତୁଳସୀ ଗଛ ବି ବଦଳାଇପାରେ ଭାଗ୍ୟ

**ଟାଣ ଖରା ଓ ଭୀଷଣ ଗରମରେ ଯଦି ତୁଳସୀ ଗଛ ଶୁଖି ଯାଇଥାଏ, ଏହାକୁ ଫିଙ୍ଗିବା ପରିବର୍ତ୍ତେ ଯଦି ଏହାକୁ ପୁନଃ ବିନିଯୋଗ କରାଯାଏ, ତା'ହେଲେ ଘର ପାଇଁ କ'ଣ ଭଲ ହୋଇଥାଏ...**

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ତୁଳସୀ ଗଛ ଶୁଖିଗଲେ ବି ଏହାର ଶୁଖିଲା ଡାଳରେ ଚମତ୍କାର ଶକ୍ତି ରହିଥାଏ। ତେଣୁ ଘରେ ଯଦି ବାରମ୍ବାର ଝଗଡ଼ା ଲାଗୁଥାଏ ଅବା କାହାର କୁ-ନଜର ଘରର ସୁଖଶାନ୍ତିରେ ଲାଗିଗଲା ଭଳି ଅନୁଭବ ହେଉଥାଏ, ଶୁଖିଲା ତୁଳସୀ ଗଛର କିଛି ଡାଳକୁ ସଫା ନାଲି କପଡ଼ାରେ ବାନ୍ଧି ମୁଖ୍ୟଦ୍ୱାରର ଉପରେ ଟାଙ୍ଗିଦେଲେ ପରିସ୍ଥିତିରେ ସୁଧାର ଆସିଥାଏ ବୋଲି ବିଶ୍ୱାସ।

✲ ଘରେ ଅଯଥା ଖର୍ଚ୍ଚ ବୃଦ୍ଧି ପାଉଥିଲେ ଅବା ଯେତେ ରୋଜଗାର କଲେ ବି ଅଣ୍ଟୁ ନ ଥିଲେ, ଶୁଖିଲା ତୁଳସୀ ଗଛର



ଛୋଟ ଡାଳ ହେଉ ଅବା ଏହାର ମୂଳକୁ ଗଙ୍ଗାଜଳରେ ପବିତ୍ର କରି ହଳଦିଆ କପଡ଼ାରେ ବାନ୍ଧି ଟ୍ରେଜେରି ଅବା ପଇସା ଥିବା ସ୍ଥାନରେ ରଖିଲେ କ୍ରମେ ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ ତୁଳସୀ ଭଗବାନ ବିଷ୍ଣୁଙ୍କର ଖୁବ୍ ପ୍ରିୟ। ଏକାଦଶୀ ଦିନ ଘରେ ଘିଅ ଦୀପ ଜାଳିଲାବେଳେ ସେଥିରେ ଶୁଖିଲା ତୁଳସୀ କାଠିଟେ ରଖିଦେବେ; ଯାହାକୁ ତୁଳସୀ ଦୀପ କୁହାଯାଏ। ଏହି ଉପାୟ ଦ୍ୱାରା ଘରୁ ବାସ୍ତୁଦୋଷ ଦୂର ହେବା ସହ ଅଟକି ରହିଥିବା କାମ ସମ୍ପନ୍ନ ହୁଏ ବୋଲି ବିଶ୍ୱାସ।

✲ ତୁଳସୀ ଗଛର ଯଥେଷ୍ଟ ମାହାତ୍ମ୍ୟ ରହିଛି। ଗଛ ଶୁଖିଗଲେ ବି ଏହାର ଶୁଖିଲା ଡାଳକୁ ଆଦୌ ଅପମାନ କରିବା ଠିକ୍ ନୁହେଁ। ଅପରିଷ୍କାର ହାତରେ ଅବା ନ ଗାଧୋଇକି ଛୁଇଁବା ବି ଭଲ ନୁହେଁ। ଶୁଖି ଯାଇଥିବା ତୁଳସୀ ଗଛକୁ ଏଠି ସେଠି ଅବା ନାଳରେ ନ ଫୋପାଡି ମାଟିରେ ପୋତି ଦେଇପାରିବେ ଅବା ପବିତ୍ର ନଦୀରେ ଭସାଇ ଦେଇପାରିବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ'୩-୯, ୨୦୨୬

**ମେଷ**
କାର୍ଯ୍ୟଦକ୍ଷତାରୁ ସମ୍ମାନ, ବୈଷୟିକ ଅଭିବୃଦ୍ଧି, ବନ୍ଧୁଙ୍କ ମାର୍ଗଦର୍ଶକ ହେବେ, ଆନୁଷ୍ଠାନିକ ମୁଖ୍ୟ, ଭ୍ରାତୃସମ୍ପର୍କରେ ନ୍ୟୁନତା, ପଡୋଶୀଙ୍କ ଅସହିଷ୍ଣୁତା, ସହକର୍ମୀଙ୍କ ପରାମର୍ଶ, ଯାନବାହନ ନବୀକରଣ, ମାଙ୍ଗଳିକ କାମରେ ଯାତ୍ରା ॥

**ବୃଷ**
ବିଚାରବୁଦ୍ଧିରେ ସ୍ଥିରତା, ଅପ୍ରିୟଭାଷଣରୁ ଅଶାନ୍ତି, ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, କାର୍ଯ୍ୟସାଧନରେ ସଫଳତା, ନୂତନ ବନ୍ଧୁ ସମ୍ପର୍କ, ଧର୍ମକାର୍ଯ୍ୟରେ ବାଧା, ପାରିବାରିକ ବିଶୃଙ୍ଖଳା, ଶିକ୍ଷାପରୀକ୍ଷାରେ ସଫଳତା ॥

**ମିଥୁନ**
ସୃଜନୀଶକ୍ତିର ଅଭିବୃଦ୍ଧି, ଆର୍ଥିକ ଦୁରବସ୍ଥା, ବିବାହପ୍ରସ୍ତାବର ସ୍ଥିରୀକରଣ, ଆତ୍ମୀୟଙ୍କ ପରାମର୍ଶ, ବନ୍ଧୁଙ୍କ ମିଥ୍ୟା ପ୍ରତିଶୃତି, କର୍ମକ୍ଷେତ୍ରରେ ବିବାଦ, ବ୍ୟବସାୟିକ ସଫଳତା, ମାନସିକ ସ୍ଥିତି ବିଗିଡିବ, ପରିସ୍ଥିତି ବଦଳିଯାଇପାରେ ॥

**କର୍କଟ**
ସୁଧୁରିବ ଆର୍ଥିକ ସ୍ଥିତି, ଓଜସ୍ୱିନୀ ଭାଷଣରୁ ପ୍ରଶଂସା, ବୁଦ୍ଧିଜିବୀ ମହଲରେ ଆଦର, ସ୍ଥଗିତକାର୍ଯ୍ୟରେ ଅବହେଳା, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁ ଭୁଲ୍ ବୁଝିବେ, ଯୋଗ ସାଧନରେ ରୁଚି, ସତ୍‌ସଙ୍ଗରେ ଯୋଗଦାନ, ପାରିବାରିକ ଦ୍ୱନ୍ଦ୍ୱ।

**ସିଂହ**
ପଦସ୍ଥବ୍ୟକ୍ତିଙ୍କ ପୃଷ୍ଠପୋଷକତା, ସହକର୍ମୀଙ୍କ ମିଥ୍ୟା ପ୍ରତିଶୃତି, ମନୋରଞ୍ଜନର ମଉକା, ସାହିତ୍ୟସଂସ୍କୃତିରେ ଅନୁରାଗ, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣପୂର୍ଣ୍ଣାଙ୍ଗ ହେବ, ପାରିବାରିକ ସଦ୍‌ଭାବ, ନୂତନ କର୍ମସଂସ୍ଥାନ ॥

**କନ୍ୟା**
ସଭାସମିତିକୁ ଆହ୍ୱାନ, କୃତିତ୍ୱ ପାଇଁ ପ୍ରଶଂସା, ବନ୍ଧୁସମ୍ପର୍କରେ ତିକ୍ତତା, ଜମିଜମା ବିବାଦ, କଚେରୀ ମାମଲାରେ ବାଇଦା, ମଧ୍ୟସ୍ଥତାରୁ ସମାଲୋଚନା, ନୂତନ ପ୍ରକଳ୍ପାରମ୍ଭ, ପାରିବାରିକ ସମର୍ଥନ, ସାମାଜିକ ପ୍ରତିଷ୍ଠାର୍ଜନ, ରଚନାତ୍ମକ କାର୍ଯ୍ୟାରମ୍ଭ, ଯାତ୍ରାରେ ଅପରିଚିତଙ୍କ କଳହ ॥

**ତୁଳା**
ବିବାଦୀୟ ଘଟଣାର ସମାଧାନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଋଣଭାର ବୃଦ୍ଧିପାଇବ, ପାରିବାରିକ ସମସ୍ୟା, ଆରୋଗ୍ୟଲାଭରୁ ଆଶ୍ୱସ୍ତି, ସାହିତ୍ୟ ଆସରରେ ଯୋଗଦାନ, ଅଦାଲତର ଦ୍ୱାରସ୍ଥ ହେବେ, ଗୃହ ସଜ୍ଜୀକରଣ, ମିତ୍ରତା ବନ୍ଧନରେ ଆବଦ୍ଧ ॥

**ବିଛା**
ନିରଙ୍କୁଶ ଜୀବନଯାତ୍ରା, ବିବାଦବିହୀନ କର୍ମ, ବନ୍ଧୁସମ୍ପର୍କରେ ଉନ୍ନତି, ଖର୍ଚ୍ଚ ଭରଣାର ଚିନ୍ତା, ପାରିବାରିକ ଆଲୋଚନା, ଲୋନ୍ କରିପାରନ୍ତି, କାମ ବାଧାପ୍ରାପ୍ତ ହେବ ନାହିଁ, ଆମଦାନୀ କାରବାର ବଢ଼ିବ, ପ୍ରତିଯୋଗୀତାରେ ସଫଳତା, ସଙ୍ଗୀତ ଶିକ୍ଷାରେ ଆଗ୍ରହ ॥

**ଧନୁ**
ନୂତନ ଯୋଜନାରମ୍ଭ, ଆନୁସଙ୍ଗିକ ସହଯୋଗ ପ୍ରାପ୍ତି, ଭ୍ରମଣର ଯୋଜନା, ସାମ୍ବାଦିକତାରୁ ଗୌରବ, ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ, ଅସହିଷ୍ଣୁଙ୍କ ଅପପ୍ରଚାର, ରାଜନୈତିକ ବିବାଦ, ସାଂଗଠନିକ ସଭା, ଲୋକସମ୍ପର୍କ ବୃଦ୍ଧି ॥


**ମକର**
ମାନସିକ ସୁସ୍ଥତା, ଅନୁକୂଳ ବାତାବରଣ, ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ପ୍ରଶାସନିକ ଆଲୋଚନା, ଚାକିରୀ ଅଫର୍ ପାଇବେ, ଅର୍ଥସଂକଟରୁ ମୁକୁଳିବେ, ଶିଳ୍ପବାଣିଜ୍ୟରେ ଉନ୍ନତି, ପରୋକ୍ଷଶତ୍ରୁତାରୁ କାର୍ଯ୍ୟହାନୀ, ଆତ୍ମୀୟସ୍ୱଜନଙ୍କ କପଟାଚରଣ ॥

**କୁମ୍ଭ**
ଅଭିଳଷିତ ଦ୍ରବ୍ୟପ୍ରାପ୍ତି, ଆର୍ଥିକସ୍ଥିତି ବଦଳିବ, ସାମାଜିକ ସମ୍ମାନ ମିଳିବ, ନୀତିଗତ କାମରୁ ପ୍ରଶଂସା, ଶାରୀରିକ ଅସୁସ୍ଥତା, ଆନୁଷ୍ଠାନିକ କର୍ମାରମ୍ଭ, ଲେଖାପଢାରେ କୁଶଳ, ସାହିତ୍ୟକୃତିରୁ ସମ୍ବର୍ଦ୍ଧନା, ଗୋପନ କଥାର ପରିପ୍ରକାଶ, ବେହିସାବ ଖର୍ଚ୍ଚରୁ ମନସ୍ତାପ ॥

**ମୀନ**
ଶୃଙ୍ଖଳିତ ଜୀବନଯାତ୍ରା, ପାରିବାରିକ ସଦ୍‌ଭାବ, ବୁଝାମଣାରେ ଉନ୍ନତି, ଅଭାବ ଦୂର ହେବ, ଅବହେଳିତ କାର୍ଯ୍ୟରୁ କୈଫିୟତ ତଲବ, ଧନହାନୀର ଆଶଙ୍କା, ଯାତ୍ରାରେ ଜିନିଷ ଅଦଳବଦଳ, ଯାନ୍ତ୍ରିକତ୍ରୁଟିରୁ ଯାତ୍ରା ବିଳମ୍ବ, ଧର୍ମାନୁଷ୍ଠାନରେ ଯୋଗ ଦେଇପାରନ୍ତି ॥

## ଚାଲିବା କେତେ ଜରୁରୀ...

କୁହାଯାଏ, ଚାଲିବା ଏକ ଶ୍ରେଷ୍ଠ ବ୍ୟାୟାମ। ସକାଳେ ହେଉ କି ସନ୍ଧ୍ୟାବେଳ ପ୍ରତିଦିନ କିଛି ସମୟ ଚାଲିଲେ ଦେହ ବେଶ୍ ଫୁର୍ତ୍ତି ଲାଗେ। ତେବେ ଯେଉଁମାନଙ୍କର ବେଶି ଚାଲିବାର ଅଭ୍ୟାସ ନାହିଁ ସେମାନେ ଦିନେ ଅଧେ କିଛି ବାଟ ଚାଲିଲେ ହୁଏତ ସେମାନଙ୍କର ଆଣ୍ଠୁଗଣ୍ଠି ଦରଜ ହୋଇପାରେ। କିନ୍ତୁ ଯଦି ସେମାନେ ପ୍ରତିଦିନ କିଛି କିଛି ବାଟ ଚାଲିବାର ଅଭ୍ୟାସ ଜାରି ରଖନ୍ତି, ତା'ହେଲେ ଏହି ଆଣ୍ଠୁଗଣ୍ଠି ଦରଜ ହେବାର ସମସ୍ୟା ବି ଧୀରେ ଧୀରେ କମିଯାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି। କେବଳ ଆଣ୍ଠୁଗଣ୍ଠି ଦରଜ ନୁହେଁ, ନିୟମିତ ଚାଲିବା ଦ୍ୱାରା ଆହୁରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାରୁ ବି ମୁକ୍ତି ମିଳିଥାଏ ବୋଲି ସେମାନେ କହିଥାନ୍ତି। ଯେମିତି କି: ✲ ପ୍ରତିଦିନ କିଛି କିଛି ସମୟ କରି ଯଦି ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ପ୍ରାୟ ୨ଘଣ୍ଟା ଚାଲିବାରେ ବିନିଯୋଗ କରିଥାନ୍ତି, ତା'ହେଲେ ତାଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍ ହେବାର ଆଶଙ୍କା ପ୍ରାୟ ୩୦ ପ୍ରତିଶତ କମିଯାଇଥାଏ। ✲ ସେହିପରି ପ୍ରତି ସପ୍ତାହକୁ ପ୍ରାୟ ୪ ଘଣ୍ଟା ଚାଲିବାର ଅଭ୍ୟାସ



ରଖୁଥିବା ବ୍ୟକ୍ତିଙ୍କଠାରେ ହିପ୍ ଫ୍ରାକ୍ଚର ହେବାର ଆଶଙ୍କା ୪୦ ପ୍ରତିଶତ କମ୍ ରହିଥାଏ। ✲ ପ୍ରତିଦିନ ୩୦ ମିନିଟ୍ ଚାଲୁଥିବା ବ୍ୟକ୍ତିଙ୍କଠାରେ ଅବସାଦର ମାତ୍ରା ୩୬ ପ୍ରତିଶତ କମ୍ ଦେଖାଯାଇଥାଏ। ✲ ଅନ୍ୟପକ୍ଷେ ଯେଉଁବ୍ୟକ୍ତି ପ୍ରତିଦିନ ୨୦ରୁ ୩୦ ମିନିଟ୍ ଚାଲିବାର ଅଭ୍ୟାସ ଜାରି ରଖିଥାନ୍ତି, ସେମାନଙ୍କଠାରେ ମୋଟାପଣର ସମସ୍ୟା ପ୍ରାୟ ୫୦ ପ୍ରତିଶତ କମିଯାଏ ବୋଲି ସୂଚନା ରହିଛି। ତେଣୁ ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଚାଲିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ନିହାତି ଜରୁରୀ।

## ପାଠକୀୟ

✲ ଦିନେ ଏହା ଥିଲା ନିରୋଳା ଖରାଛୁଟିର ସାଥୀ। ତା'ର ରଙ୍ଗବେରଙ୍ଗ କଥାକୁହା ଚିତ୍ର ଓ କାହାଣୀ ମନ ମୋହୁଥିଲା ସଭିଙ୍କର। ହେଲେ ଯେବେଠୁ ଆସିଲା ବିଭିନ୍ନ ଆଧୁନିକ ମନୋରଞ୍ଜନର ମାଧ୍ୟମ ହଜିଗଲା ତା'ର ସତ୍ତା। ହେଲେ ଏବେ ପୁଣିଥରେ ଏହା ୱେବ କମିକ୍ସ ମାଧ୍ୟମରେ ପିଲାଙ୍କ ପାଖକୁ ଫେରିବାକୁ ଚେଷ୍ଟା କରୁଛି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ଫେରିବ କି ସେଇ କମିକ୍ସ ଦୁନିଆ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା।

*– ପାପୁନ୍ ପ୍ରଧାନ, ଲିଙ୍କରୋଡ୍, କଟକ*

✲ ଛୁଟିଦିନରେ ପ୍ରକାଶିତ 'ଫେରିବ କି ସେଇ କମିକ୍ସ ଦୁନିଆ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଯେମିତି ତଥ୍ୟପୂର୍ଣ୍ଣ ଥିଲା ସେମିତି ଜିଜ୍ଞାସାପୂର୍ଣ୍ଣ ବି ଥିଲା। 'ବାସ୍ତୁ ଅନୁସାରେ ବଗିଚା', 'ଝାଳ ବୋହୁଥିଲେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ସାହିତ୍ୟିକ ଡ.ହେମନ୍ତ କୁମାର ଛୋଟରାୟଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ସଂଗ୍ରାମ ମିଶ୍ର, ବାଲିସାହି, ପୁରୀ*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'କୁହୁଡ଼ି'ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ସାହିତ୍ୟିକା ତୃପ୍ତି ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ଖୁବ୍ ପ୍ରେରଣାଦାୟୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ କାହା ପାଇଁ କେମିତି ସନ୍‌ଗ୍ଲାସ୍ ଆବଶ୍ୟକ ସେ ବିଷୟରେ ବହୁ ଜରୁରୀ କଥା ଜାଣିହେଲା।

*– ପ୍ରବୀର ସ୍ୱାଇଁ, ଭୁବନେଶ୍ୱର*

✲ 'ଗଡ଼ବାଣୀକିଲୋ' ଶୀର୍ଷକ ପାଠଟି ବି ଛୁଟିଦିନର ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଶାନ୍ତ ମନୋରମ ପର୍ଯ୍ୟଟନସ୍ଥଳୀ କୁର୍ସିୟାଙ୍ଗ ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା। 'ଚଢ଼େଇ କରନ୍ତି କି ପରିସ୍ରା', 'କଲ-ଆଜ ଔର୍ କଲ ଫୁଲ', 'ନଦୀ ସହ ବିବାହ', 'ନିଆଁ ଲଗାଇ ବ୍ୟାକଫ୍ଲିପ୍' ଆଦି ପାଠଗୁଡ଼ିକ ବି ଆଶ୍ଚର୍ଯ୍ୟକର ଥିଲା।

*– ସନ୍ଦୀପ୍ ବାରିକ, ଫୁଲବାଣୀ*

✲ ଉକ୍ତ ସଂଖ୍ୟାର ବ୍ୟଙ୍ଗ 'ଧୈର୍ଯ୍ୟ ଧର' ଶୀର୍ଷକ ଆଲେଖ୍ୟଟି ବି ଏକ ନିଆରା ତଥା ମନଛୁଆଁ ବିଷୟ ଥିଲା। ହାଃ ହାଃ ବି ଖୁବ୍ ମଜାଦାର୍ ଲାଗୁଥିଲା।

*– ସୁପ୍ରିତ୍ ପୂଜାରୀ, ଯାଜପୁର ଟାଉନ୍*

ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:
chhutidinadharitri@gmail.com

## ବିଶେଷ ଚିଠି



ଫେରିବ କି ସେଇ କମିକ୍ସ ଦୁନିଆ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ନିଆରା ଲାଗିବା ସହ
ମନେ ଭରୁଥିଲା ଅପୂର୍ବ ରଙ୍ଗ।
ତା'ସାଙ୍ଗକୁ ଥିଲା ବ୍ୟକ୍ତିତ୍ୱ, ସୃଜନ
ସାଥୀ ଓ ସହରଠୁ ଦୂର,
ମନ କିଣି ନେଉଥିଲା ପୁଣି
ତୁମ ପ୍ରଥମ ରୋଜଗାର।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁଯାକ ପୃଷ୍ଠା ଲାଗେ
ଭାରି ନିଆରା ଭାରି ନୂତନ।

*– ଜନ୍ମାଞ୍ଜଳି ବେହେରା, ଟାଙ୍ଗୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ହାସ୍ୟ ସମ୍ରାଟ


ପରିବାର ବର୍ଗଙ୍କ ସହ ଜୟୀ

## ମୁହଁ ଖୋଲି ପଇସା ଡିମାଣ୍ଡ କରିପାରିନି: ଜୟୀ

ଓଡ଼ିଆ ଚଳଚ୍ଚିତ୍ର ଜଗତର କମେଡି କିଙ୍ଗ୍ କୁହାଯାଉଥିବା **ଜୟୀରାମ ସାମଲ**ଙ୍କୁ କିଏ ବା ନ ଜାଣେ । ତାଙ୍କର ମଜାଳିଆ ଡାଇଲଗ ସାଙ୍ଗକୁ ମୁହଁର ଏକ୍ସପ୍ରେସନ କାହାକୁ ବା ନ ହସାଏ । ସେ ଚଳଚ୍ଚିତ୍ର ଜଗତକୁ କେମିତି ଆସିଲେ ସେ ସମ୍ପର୍କରେ ଜୟୀ କୁହନ୍ତି– ‘‘କଟକର ତୁଳସୀପୁରସ୍ଥିତ ମଠ ସାହିରେ ଆମ ଘର । ମୋ ଜେଜେବାପା ପାଲାର ଶ୍ରୀପାଳିଆ ଥିଲେ । ବାପା ଚନ୍ଦ୍ରମଣି ସାମଲ ସେ ସମୟରେ ହରେକୃଷ୍ଣ ମହତାବଙ୍କର ଡ୍ରାଇଭର ଭାବେ କାମ କରୁଥିଲେ । ଭଜନ ଗାଇବାରେ ତାଙ୍କର ରୁଚି ଥିଲା । ଦାଦା ବି ଗାଁ ନାଟକରେ କମେଡି କରୁଥିଲେ । ହୁଏତ ସେଥିପାଇଁ ମାତ୍ର ୮/୯ ବର୍ଷ ବୟସରୁ ମୋ ଭିତରେ ବି କଳା ପ୍ରତି ଆଗ୍ରହ ଆସି ଯାଇଥିଲା । ଘର ପାଖରେ କେଉଁଠି ପାଲା, ଦାସକାଠିଆ, ନାଟକ ଆଦି ପରିବେଷଣ ହେଉଥିଲେ ମୋ ମନ ଆଉ ଘରେ ଲାଗେନି, ମୁଁ ସାଙ୍ଗେ ସାଙ୍ଗେ ଯାଇ ସେଥିରେ ମିଶିଯାଏ । କିଛି ନ ହେଲେ ମୁଣ୍ଡରେ ପଗଡ଼ି ବାନ୍ଧି ଘରେ ଖଟ ଉପରେ ଦାସକାଠିଆ କରେ । ପରେ କଟକସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବି ଗ୍ରୁପ୍‌ରେ ଯାଇ ଯୋଗଦେଲି । ଘରଠାରୁ ପ୍ରାୟ ୫ କି.ମି. ଦୂରରେ ଥିବା ଏହି ରଙ୍ଗମଞ୍ଚକୁ ପ୍ରତିଦିନ ଚାଲିଚାଲି ଯାଇ ନାଟକ ଦେଖୁଥିଲି । ପାଠପଢା ଅପେକ୍ଷା ନାଟକ ପ୍ରତି ବେଶି ଗୁରୁତ୍ୱ ଦେଉଥିବାରୁ ମୁଁ ଘରକୁ ଆସିଲେ ମୋତେ ଦେଖି ଗାଳି ଦେଉଥିଲେ । ମୋ ବୋଉ ଅହଲ୍ୟା ସୁନ୍ଦରୀ ଦେଈ ମୋତେ ଲୁଚେଇକି ଆଣି ଖାଇବାକୁ ଦିଏ । ଘରେ ଯେତେ ଗାଳିଦେଲେ ବି ମୁଁ ରଙ୍ଗମଞ୍ଚ ଯାଉଥାଏ । ମାଟ୍ରିକ ପରେ ପଢା ଛାଡି ପେଟ ପୋଷିବାକୁ ଟେଲରିଂ ଶିଖିଲି । ତା’ ସହିତ ଛୋଟମୋଟ ମ୍ୟାଜିକ ଟ୍ରିକ୍ସ ଶିଖି ଆଖପାଖର ସ୍କୁଲକୁ ଯାଇ ମ୍ୟାଜିକ୍ ଦେଖେଇ କିଛି ପଇସା ବି ରୋଜଗାର କରୁଥିଲି । କିନ୍ତୁ ଅପେକ୍ଷା ଥିଲା କେବେ ନାଟକରେ ସୁଯୋଗ ମିଳିବ । ଯୋଗକୁ ଦିନେ ‘ଅଶାନ୍ତ ଗ୍ରହ’ ନାଟକରେ ଜଣେ ପୋଲିସ ଇନ୍ସପେକ୍ଟର ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଲା । ହେଲେ ସେତେବେଳକୁ ମୋର ଯେଉଁ ପତଳା ଚେହେରା, ତାକୁ ଇନ୍ସପେକ୍ଟର ଭୂମିକା ଆଦୌ ମାନିଲାନି । ଦର୍ଶକ ଗାଳି କଲେ । ତା’ପରେ ଆଉ ଏକ ନାଟକ ‘ଡାକବଙ୍ଗଳା’ରେ କମେଡି ଭୂମିକାରେ ମୋତେ ଏକାଦଶୀ ମାଇଚିଆ ରୋଲ୍‌ରେ ଅଭିନୟ କରିବାକୁ କୁହାଗଲା । ଏଥର କିନ୍ତୁ ମୋ କମେଡି ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଲା । ବାସ୍, ତା’ପରଠୁ ପ୍ରାୟ ୧୧ ବର୍ଷ ଧରି ମୁଁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଖାଲି କମେଡି ଭୂମିକାରେ ଅଭିନୟ କରିଛି । ତା’ପରେ ‘ଯାଯାବର’ ଚଳଚ୍ଚିତ୍ରରେ ପରଦା ଉପରେ ଲୋକେ ପ୍ରଥମେ ମୋତେ ଦେଖିଲେ । ଅବଶ୍ୟ ତା’ ପୂର୍ବରୁ ମୁଁ ଆଉ ଏକ ଚଳଚ୍ଚିତ୍ରରେ ଅଭିନୟ କରିଥିଲି । କିନ୍ତୁ କୌଣସି କାରଣବଶତଃ ରିଲିଜ ବେଳକୁ ମୋ ସିନ୍‌ଟି କାଟି ଦିଆଯାଇଥିଲା । ଭାରି ମନ ଦୁଃଖ ହେଲା ଏଇଥିପାଇଁ ଯେ, ମୋ ସାଙ୍ଗରେ ମୋର ଦୁଇ ଜଣ ବନ୍ଧୁ ହଲ୍ ଯାଇଥିଲେ ଫିଲ୍ମରେ ମୋତେ ଦେଖିବା ପାଇଁ । ତେବେ ସେ ଯାହା ହେଉ, ଯାଯାବର ଚଳଚ୍ଚିତ୍ରରେ ମୋ ଅଭିନୟ ଦର୍ଶକଙ୍କ ମନକୁ ବେଶ ଛୁଇଁଲା । ତା’ ପରଠୁ ଲଗାତର ଗୋଟେ ପରେ ଗୋଟେ ଫିଲ୍ମର ଅଫର୍ ମୋତେ ମିଳି ଚାଲିଲା । ପାଖାପାଖି ୩୦୦ଟି ଫିଲ୍ମରେ ମୁଁ ଅଭିନୟ କରିଛି । ଖୁସି ଲାଗେ ଯେ, ଦର୍ଶକ ମୋ ଅଭିନୟକୁ ପସନ୍ଦ କରିଛନ୍ତି, ମୋତେ ତାଙ୍କ ହୃଦୟରେ ସ୍ଥାନ ଦେଇଛନ୍ତି । ତେବେ ଦୁଃଖ ଲାଗେ ଯେ, ମୁଁ ସେମିତି କିଛି ଆଖିଦୃଶିଆ ରୋଜଗାର ସେତେବେଳେ କରିପାରିଲିନି । କାରଣ ମୁଁ ମୁହଁ ଖୋଲି ପଇସା ଡିମାଣ୍ଡ କରିପାରୁ ନ ଥିଲି । ଯିଏ ଯେତିକି ଦେଉଥିଲେ ମୁଁ ସେତିକିରେ ସନ୍ତୁଷ୍ଟ ହୋଇ ଯାଉଥିଲି । କାରଣ ମୋର ଭୟ ଥିଲା, ଯଦି ମୁଁ ପଇସା ଡିମାଣ୍ଡ କରେ, ହୁଏତ ମୋ ରୋଲ ଆଉ କାହାକୁ ମିଳିଯିବ, ସେଥିପାଇଁ ଚୁପ୍ ରହୁଥିଲି । କିନ୍ତୁ ଆଜି ବି ମୋତେ ଖୁସି ଲାଗେ ଯେ, ଦର୍ଶକମାନେ ମୋତେ ତାଙ୍କ ଭଲପାଇବା ସେମିତି ଦେଉଛନ୍ତି । ଏତିକି ସ୍ୱୀକାର କରୁଛି, ମୋ ସଫଳତା ପଛରେ ମୋ ପତ୍ନୀ ମୀରାଙ୍କର ବଡ଼ ଭୂମିକା ରହିଛି । ମୋର ଦୁଇ ପୁଅ ଜ୍ୟୋତିରଞ୍ଜନ ଓ ମନୋରଞ୍ଜନ ଏବଂ ଦୁଇ ଝିଅ ଗାୟତ୍ରୀ ଓ ମୟିତ୍ରୀକୁ ନେଇ ଆମ ପରିବାର ।’’

## ୮/୯ ବର୍ଷ ବିନା ପାରିଶ୍ରମିକରେ ଅଭିନୟ କରିଛି: ବ୍ରଜ

ମଞ୍ଚ ନାଟକ ହେଉ କି ଧାରାବାହିକ ଅବା ଚଳଚ୍ଚିତ୍ର ସବୁଥିରେ ସେ ଚିତ୍ତାକର୍ଷକ ଅଭିନୟ କରି ଦର୍ଶକଙ୍କୁ ହସେଇଛନ୍ତି । ପୁଣି କେବେ ସିରିୟସ୍ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ଭାବବିହ୍ୱଳ ବି କରିଛନ୍ତି । ସେ ହେଲେ ଓଡ଼ିଆ ସିନେଜଗତର ଜଣାଶୁଣା ଚେହେରା **ବ୍ରଜ ସିଂ** । ତାଙ୍କ ଅଭିନୟ ଜୀବନର ଆରମ୍ଭ ଆଉ ସଫଳତାର କାହାଣୀ ସମ୍ପର୍କରେ ସେ କୁହନ୍ତି – ‘‘ କଟକ ତେଲେଙ୍ଗା ବଜାରରେ ମୋ ଜନ୍ମ । ବାପା ଗୋପାଳ ଚନ୍ଦ୍ର ସିଂଙ୍କର ଫରେଷ୍ଟ ଡିପାର୍ଟମେଣ୍ଟରେ ଚାକିରି । କଟକ ଅନ୍ନପୂର୍ଣ୍ଣା ଥିଏଟରରେ ତାଙ୍କ ଡିପାର୍ଟମେଣ୍ଟ ତରଫରୁ ହେଉଥିବା ଡ୍ରାମାରେ ସେ ମ୍ୟୁଜିକ୍ ଦେଉଥିଲେ । ଆଉ ମୋ ଜେଜେ ବି ନାଟକର କାହାଣୀ ଲେଖାଲେଖି କରୁଥିଲେ । ପିଲାଟିବେଳୁ ମୁଁ ଖୁବ୍ ସିନେମା ପ୍ରିୟ । ସିନେମା ଦେଖିବାର ନିଶା ଏମିତି ଥିଲା ଯେ, ପାଖରେ ପଇସା ନ ଥିଲେ ଘରୁ ପେପର ନେଇ ବିକ୍ରି କରି ସେହି ପଇସାରେ ସିନେମା ଦେଖୁଥିଲି । ଏହି ନିଶା ହିଁ ମୋତେ ପରବର୍ତ୍ତୀ ସମୟରେ ଅଭିନୟ ଆଡ଼କୁ ଟାଣିଲା । ୮ମ ଶ୍ରେଣୀରୁ ସାହି ପିଲାଙ୍କ ସହ ମିଶି ନାଟକ କଲି । ସାହିରେ ନାଟକ କରୁ କରୁ ଅନ୍ନପୂର୍ଣ୍ଣା ଥିଏଟର ବି–ଗ୍ରୁପ୍‌ର ଏକ ନାଟକରେ ମଧ୍ୟ ଅଭିନୟ କଲି । ମୋ ଅଭିନୟ ଭଲ ଲାଗିବାରୁ ଥିଏଟର୍‌ର ସବୁ ନାଟକରେ ମୋତେ ଗୋଟେ ରୋଲ୍ ମିଳିଲା । କ୍ରମେ ମୁଁ ଅନ୍ନପୂର୍ଣ୍ଣା ଥିଏଟର୍‌ର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ହୋଇଗଲି । ମୁଁ ଅଭିନୟ ଭିତରେ ଏମିତି ବୁଡ଼ି ରହୁଥିଲି ଯେ, ପାଠ ପଢିବାକୁ ଇଚ୍ଛା ହିଁ କରୁ ନ ଥିଲି । ଯେଉଁଥିପାଇଁ ୮ମରେ ଥରେ, ମାଟ୍ରିକ୍‌ରେ ଥରେ ଫେଲ୍ ହେବା ସହ ଆଇଏ ପାସ୍ କରିଛି କି ନାହିଁ ତାହା ବି ମୋତେ ଜଣା ନାହିଁ । ଘରେ ୪ ଭଉଣୀରେ ମୁଁ ଗୋଟିଏ ପୁଅ । ମୋର ଭବିଷ୍ୟତକୁ ନେଇ ବାପା,ମା’ଙ୍କର ଭାରି ଚିନ୍ତା ଥାଏ । କିନ୍ତୁ ମୋର କିଛି ଚିନ୍ତା ନ ଥାଏ । ଥିଏଟର୍‌ରେ ଅଭିନୟ ସାଙ୍ଗକୁ ନୂଆନୂଆ ଯେତେବେଳେ ଟେଲିଭିଜନ ଆସିଲା, ଦୂରଦର୍ଶନରେ ଅଭିନୟ ପାଇଁ ଅଡିଶନ ଦେଲି । ପ୍ରଥମ ନୁହେଁ ଦ୍ୱିତୀୟ ଅଡିସନ୍‌ରେ ମୁଁ ସଫଳତା ପାଇଲି । ବାସ୍ ସେବେଠାରୁ ମୋ ଅଭିନୟର ଯାତ୍ରା ଜାରି ରହିଛି ।

ପ୍ରଶାନ୍ତ ନନ୍ଦଙ୍କ

→




ପରିବାର ବର୍ଗଙ୍କ ସହ ବ୍ରଜ



ପରିବାର ବର୍ଗଙ୍କ ସହ ହାଡୁ

'ବଗୁଲା ବଗୁଲି' ସିନେମାରୁ ମୁଁ ଡେବ୍ୟୁ କରିଛି। ସେତେବେଳେ ଏହି ଫିଲ୍ମର ଶୁଟିଂ ଭୁବନେଶ୍ୱରରେ ହେଉଥାଏ। ମୋ ପାଖରେ ଏତେ ପଇସା ନ ଥାଏ। ଧାରକରଜ କରି ଘରୁ ରିକ୍ସାରେ ବାଦାମବାଡ଼ି ଯାଇ, ସେଠୁ ବସ୍ ଧରି ଭୁବନେଶ୍ୱର ଗଲି। ଦୁଇ ଦିନ ଯିବା ପରେ ମଧ ମୋ ସିନ୍ ପଡିଲାନି। ତୃତୀୟ ଦିନ ବର୍ଷା ହେବାରୁ ଯାଇପାରିଲନି। କିନ୍ତୁ ଯୋଗକୁ ସେହି ଦିନ ହିଁ ମୋର ସିନ୍ ଥିଲା। ତା'ପରଦିନ ବହୁ ସମୟ ଅପେକ୍ଷା କରିବା ପରେ ମୋର ସିନ୍ ପଡିଥିଲା। ସେ ସମୟରେ ଅଭିନୟ ପାଇଁ ଏତେ ପଇସା ମିଳୁ ନ ଥିଲା, କେବଳ ଖାଇବାକୁ ଗଣ୍ଡେ ମିଳୁଥିଲା। ମୁଁ ପ୍ରାୟ ୮/୯ ବର୍ଷ ବିନା ପାରିଶ୍ରମିକରେ କାମ କରିଛି। ତା'ପରେ ପରେ କେବେ ୫୦ ତ କେବେ ୧୦୦ ଟଙ୍କା ପାଇଛି। ହର ପଟ୍ଟନାୟକଙ୍କ 'ଦଇବ ଦଉଡ଼ି' ସିନେମାରେ ମୋ ଚରିତ୍ରକୁ ଲୋକେ ପସନ୍ଦ କଲେ ଆଉ ସେଇଠୁ ମୋ କ୍ୟାରିୟର ନୂଆ ଏକ ମୋଡ଼ ନେଲା। ଏହା ଭିତରେ ଅନେକ ବର୍ଷ ବିତିଗଲାଣି। ଆଉ ମଞ୍ଚରେ ଅଭିନୟ କରି ହେଉନି। କେବଳ ଧାରାବାହିକ ଓ ଚଳଚ୍ଚିତ୍ରରେ ଯେଉଁ ରୋଲ୍ ମିଳୁଛି ତାକୁ କରୁଛି। ମୋର ଗୋଟିଏ ବୋଲି ଝିଅ ମେଲୁନ ଆଉ ମୋ ଧର୍ମପତ୍ନୀ ମୀନା ହେଉଛନ୍ତି ମୋ ସୁଖଦୁଃଖର ସାଥୀ''।

## ନୂଆ ଆର୍ଟିଷ୍ଟ ବୋଲି ଅଣଦେଖା କରାଯାଉଥିଲା:ହାଡୁ

ଡିଡି-୧ରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ଦୁହିତା'ରେ ରେଡ଼ିଓ ଗୀତ ଶୁଣି ସବୁକିଛି ଭୁଲି ଯାଉଥିବା ଚାକର ଭୂମିକାରେ ଯେଉଁ ଯୁବକ ଜଣଙ୍କ ଅଭିନୟ କରୁଥିଲେ ; ସେ ହେଲେ **ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ** ଓରଫ୍ ହାଡୁ। ଦିନ ଥିଲା ହାଡୁ ଶୁଟିଂ ସେଟ୍‌ରେ ପାଣି ଗ୍ଲାସ୍‌ଟେ ମାଗିଲେ ସ୍ପଟ୍ ବୟମାନେ ତାଙ୍କୁ ଅଣଦେଖା କରୁଥିଲେ, ବସିବା ପାଇଁ ଚେୟାର୍‌ଟିଏ ମିଳୁ ନ ଥିଲା। କେମିତି ଥିଲା ତାଙ୍କ ସଂଘର୍ଷର କଥା ଯାହା ସମ୍ପର୍କରେ ସେ କୁହନ୍ତି- ''ସେତେବେଳେ ଆମେ ଭୁବନେଶ୍ୱର ୟୁନିଟ୍-୧ରେ ରହୁଥାଉ। ଆମେ ୬ ଭାଇଭଉଣୀ। ବାପା ଦୁଃଖୀଶ୍ୟାମ ପଟ୍ଟନାୟକ ପ୍ରଡକ୍ସନ ମ୍ୟାନେଜର ଭାବେ କାମ କରିବା ସହ ଛୋଟମୋଟ ଆକ୍ଟିଂ କରୁଥାନ୍ତି। ତାଙ୍କୁ ଦେଖି ମୋର ବି ଅଭିନୟ କରିବାକୁ ଇଚ୍ଛା ହେଲା। ସ୍କୁଲ୍ ଡ୍ରାମା, ଛୋଟମୋଟ ନାଟକରେ ଅଭିନୟ କଲି। ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ମାଟ୍ରିକ୍ ପରେ ପାଠ ଛାଡ଼ି ଏକ ଟେଣ୍ଟ ହାଉସ୍ କଲି। ୧୯୯୫ରେ ମନନ ନାଟ୍ୟସଂସ୍ଥାରେ ଯୋଗ ଦେବା ପରେ କ୍ଲବ ଓ ବଡ଼ ବଡ଼ ସଂସ୍ଥା ତରଫରୁ ହେଉଥିବା ନାଟକରେ କାମ କରିବାର ସୁଯୋଗ ପାଇଲି। ଥରେ ବାଣୀବିହାର ଷ୍ଟାଫ୍‌ମାନେ ଯେଉଁ ନାଟକ କରୁଥିଲେ ସେଥିରେ ଅଭିନୟ କରିବାକୁ ଡାକିଥିଲେ, ଯେଉଁଠିକି ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରହରାଜ ଆସିଥିଲେ। ମୋର କମେଡି ରୋଲ୍ ଥାଏ। ମୋ ଅଭିନୟ ତାଙ୍କୁ ଏତେ ଭଲ ଲାଗିଲା ଯେ, ସେ ମୋତେ ଡିଡି-୧ରେ ପ୍ରସାରିତ ହେବାକୁ ଥିବା 'ଛାନିଆ' ସିରିଏଲ୍‌ରେ ଅଭିନୟ ପାଇଁ ଅଡିଶନ୍ ଦେବାକୁ କହିଲେ। ଅଡିଶନ୍‌ରେ ମୁଁ ସିଲେକ୍ଟ ହୋଇଗଲି। ହେଲେ ଆକ୍ଟିଂ ପାଇଁ ଯେତେବେଳେ କ୍ୟାମେରାକୁ ପ୍ରଥମ ଥର ସାମ୍ନା କଲି, ସବୁ କିଛି ଭୁଲ୍‌ଭାଲ ହେଇଗଲା। ମଞ୍ଚରେ ଯେଉଁଠି ୫/୬ ପେଜ୍‌ର ଡାଇଲଗ୍ ଘୋଷି ଅନର୍ଗଳ କହି ପକାଉଥିଲି, କ୍ୟାମେରା ସାମ୍ନାରେ ମାତ୍ର ଦୁଇ ଧାଡ଼ି ବି ଠିକ୍‌ରେ କହିପାରିଲିନି। ୨/୩ ଥର ସର୍ଟ କଟ୍ ହେଲା ପରେ ନିର୍ଦ୍ଦେଶକ କହିଲେ, 'ହାଡୁ କ'ଣ ହେଲା, କାହିଁକି ଏତେ ନର୍ଭସ ହେଉଛ, ଯାଅ ପାଣିଫାଣି ଟିକେ ପିଅ, ରିଲାକ୍ସ ହୁଅ, ପରେ ସର୍ଟ ନେବା।' ତାଙ୍କ କଥା ଶୁଣି ମୁଁ ପୁଣି ବସିକି ଡାଇଲଗ୍ ଘୋଷୁଥାଏ। ତା'ରି ଭିତରେ ଲାଇଟ୍‌ବୟ ହେଉ କି ଅନ୍ୟ କେଉଁ ଟେକ୍‌ନିସିଆନ୍‌ବାଲାଙ୍କର 'କୁଆଡୁ କୁଆଡୁ ପଳେଇ ଆସୁଛନ୍ତି' ଭଳି ତାଚ୍ଛଲ୍ୟଭରା କଥା ମୋତେ ଆହୁରି ନର୍ଭସ କରି ଦେଉଥାଏ। ପାଣି ପିଇବାକୁ ମାଗିଲେ ସ୍ପଟ ବୟ କହୁଥାଏ, 'ରୁହ ମ', ମୁଁ ସିଆଡ଼େ ଆଗେ ପାଣି ଦେଇକି ଆସେ, ତା'ପରେ ତମକୁ ଦେବି।' ବସିବା ପାଇଁ ଚେୟାର ବି ମିଳେନି। ନୂଆ ଆର୍ଟିଷ୍ଟ ଯୋଗୁ ଆମକୁ ଏମିତି ବ୍ୟବହାର କରାଯାଉଛି ବୋଲି ଭାବି ମନକୁ ବୁଝାଇ ଦେଲି। ଏମିତି ୨/୩ ଦିନ ଯିବା ପରେ ମୋର ଡାଇଲଗ୍ ମୋଡୁଲେଶନ୍ ଭଲ ହେଲା। ତା'ପରେ ଶୁଟିଂ ଚାଲିଲା। 'ଛାନିଆ' ପରେ 'ଦୁହିତା'ରେ ଯେଉଁ ଚାକର ରୋଲ୍ ମିଳିଲା, ତାହା ମୋତେ ବେଶ୍ ମାଇଲେଜ୍ ଦେଲା। ଧୀରେ ଧୀରେ ଲୋକେ ମୋତେ ଚିହ୍ନିବାକୁ ଲାଗିଲେ। ବାସ୍ ତା'ପରଠୁ ଗୋଟେ ପରେ ଗୋଟେ ଧାରାବାହିକ ଓ ସିନେମାରେ ବିଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳି ଚାଲିଲା। ଆର୍ଟ ସିନେମା 'କଥାନ୍ତର' ପାଇଁ ମୁଁ ବେଷ୍ଟ ସପୋର୍ଟିଂ ଆକ୍ଟରର ଆୱାର୍ଡ ପାଇଛି। କମେଡି ପାଇଁ ବି ମୋତେ ୩ଥର ଷ୍ଟେଟ୍ ଆୱାର୍ଡ ମିଳିଛି। ଅଭିନୟ ସାଙ୍ଗକୁ ମୁଁ ଡାଇରେକ୍ଟୋରେଟ୍ କୋ-ଅପରେଟିଭ ଅଡିଟ୍‌ରେ ଡାଇରିଷ୍ଟ ଭାବେ ବି ଚାକିରି କରୁଛି। ଟେଣ୍ଟ ହାଉସ୍ ବ୍ୟବସାୟ ବନ୍ଦ କରି ଏବେ କ୍ୟାଟେରିଂ ବ୍ୟବସାୟ କରୁଛି। ମଝିରେ ମୋ ସହିତ ଏକ ବଡ଼ ଦୁର୍ଘଟଣା ଘଟିଥିଲା, ପ୍ରଭୁଙ୍କ ଆର୍ଶୀବାଦ ଆଉ ଦର୍ଶକଙ୍କ ଭଲପାଇବା ଯୋଗୁ ମୁଁ ସେଥିରୁ ବର୍ତ୍ତିକି ଆସିଛି। ମୋର ଦୁଇଟି ପୁଅ। ବଡ଼ ପୁଅ ଆଦର୍ଶ ଏମ୍‌ବିଏ ସାରି ଚାକିରି କଲାଣି, ସାନ ପୁଅ ଆଶୁତୋଷ ଯୁକ୍ତ୩ ଶେଷ ବର୍ଷରେ ପଢୁଛି। ମୋର ପ୍ରତ୍ୟେକଟି ଉତ୍ଥାନ ପତନରେ ମୋ ସହଧର୍ମିଣୀ ସରୋଜିନୀ ମୋ ସାଙ୍ଗରେ ସବୁବେଳେ ରହି ଆସିଛନ୍ତି।''





## ଭୋକରେ ରହିଛି ପଛେ କାହା ଆଗେ ହାତ ପତେଇନି: ହରି

କେବେ ସେ ହିରୋର ମଜାଳିଆ ସାଙ୍ଗ, କେବେ ରୋଡ୍ ରୋମିଓ, ପୁଣି କେବେ ବୋକା ଚାକର ତ ଆଉ କେବେ ପୁଣି କେଉଁ ଚରିତ୍ରରେ ଅଭିନୟ କରି ସେ ଦର୍ଶକଙ୍କୁ ହସେଇ ହସେଇ ବେଦମ କରିଛନ୍ତି। ପୁଣି କେବେ ସିରିୟସ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ କାନ୍ଦିବାକୁ ବି ବାଧ କରିଛନ୍ତି। ଏମିତି ଜଣେ ଭର୍ସାଟାଇଲ ଆକ୍ଟର ହେଉଛନ୍ତି **ହରିହର ମହାପାତ୍ର**। ନିଜ ସଂଘର୍ଷ ବିଷୟରେ ହରି କୁହନ୍ତି- 'ଭଦ୍ରକର ଭଣ୍ଡାରିପୋଖରୀରେ ଆମ ଘର। ବାପା ଭଗବାନ ମହାପାତ୍ର ମିଲିଟାରିରୁ ଅବସର ନେବା ପରେ ରେଲୱେରେ ଚାକିରି କରୁଥାନ୍ତି। ମୁଁ ୫ମ/୬ଷ୍ଠରେ ପଢ଼ିଲାବେଳେ ମୋ ବୋଉ ପାର୍ବତୀ ମହାପାତ୍ରଙ୍କର ମୃତ୍ୟୁ ହୋଇଗଲା। ବାପାଙ୍କର କଡ଼ା ଅନୁଶାସନ ଭିତରେ ଆମକୁ ଚାଲିବାକୁ ପଡ଼େ। ଟିଭିରେ ରାମାୟଣ, ମହାଭାରତ ଦେଖିବା ମନା ଥିଲା। କେବଳ ସମାଚାର ଦେଖିବାକୁ ଅନୁମତି ଥିଲା। ପିଲାଟି ଦିନରୁ ମୋର ପଢାପଢିରେ ଭାରି ଆଗ୍ରହ। ଖବରକାଗଜଟିଏ ପାଇଲେ ନାଟକ, ଚଳଚ୍ଚିତ୍ର, ନୃତ୍ୟ ସମ୍ପର୍କିତ ଖବର ପଢିବାକୁ ମୋତେ ଭାରି ଭଲ ଲାଗେ। ଯୁକ୍ତ୨ ପଢା ସରିବା ପରେ ଥରେ ଖବରକାଗଜରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ଶିକ୍ଷାରେ ନାମ ଲେଖାପାଇଁ ଏକ ବିଜ୍ଞାପନ ବାହାରିଥିବା ଦେଖିଲି। ବାପାଙ୍କ ଅଗୋଚରରେ ମୋ ଉପର ଭଉଣୀକୁ କହି ଭୁବନେଶ୍ୱର ଆସି ଏଣ୍ଟ୍ରାନ୍ସ ଦେଲି ଆଉ ସେଥିରେ ସିଲେକ୍ଟ ହୋଇ ନାଁ ଲେଖାଇଲି। ହେଲେ ଏଠି ନା ରହିବାକୁ ସୁବିଧା ଥିଲା ନା ଖାଇବାର କିଛି ଠିକଣା। କେବଳ କଲେଜରେ ଆକ୍ଟିଂର ଥିଓରି ଓ ପ୍ରାକ୍ଟିକାଲ କରିବା ହିଁ ଥିଲା ମୋ ପାଇଁ ମୁଖ୍ୟ କଥା। ତାରି ଭିତରେ ମୁଁ ଏତେ ମଜି ଯାଉଥିଲି ଯେ, ଖାଇବା ପିଇବା ଭୁଲି ଯାଉଥିଲି। ବଡ଼ ଭାଇଙ୍କର ସେତେବେଳେ ଯାଜପୁର ରୋଡ୍‌ରେ ନ୍ୟୁଜ୍ ପେପର୍ ଓ ମାଗାଜିନର ଡିଲର ଏଜେନ୍ସି କାମ ବି ମୋତେ ବୁଝିବାକୁ ପଡୁଥାଏ। ତେଣୁ ପ୍ରତିଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ଯାଏ କଲେଜରେ ପାଠ ପଢିବା ଓ ତା'ପରେ ଭୁବନେଶ୍ୱରରେ କିଛି ନାଟ୍ୟ ଅନୁଷ୍ଠାନ ସହିତ ନାଟକର ରିହରସାଲ ଓ ୱାର୍କଶପ୍‌କୁ ପାଦରେ ଚାଲିଚାଲି ଯାଇ ଯୋଗ ଦେବା ଆଦି କାମରେ ରାତି ୧୦ଟା କେତେବେଳେ ବାଜିଯାଏ ଜଣାପଡେନି। ତା'ପରେ ଷ୍ଟେଶନ ଆସି ଟ୍ରେନ ଧରି ଯାଜପୁର ରୋଡ୍ ଯାଏ। ସେଠି ଭାଇଙ୍କର ବ୍ୟବସାୟ ବୁଝି ସାରି ପୁଣି ଭୋର୍‌ରୁ ଟ୍ରେନ ଧରି ଭୁବନେଶ୍ୱର ଆସେ। ଶୋଇବାକୁ ସମୟ ମିଳେନି। ଟ୍ରେନ୍‌ରେ ଯେତିକି ଶୋଇବା କଥା। ଟ୍ରେନ୍‌ରୁ ଓହ୍ଲେଇ ପ୍ଲାଟଫର୍ମରୁ ଦାନ୍ତ କାଠିଟିଏ କିଣି ରାସ୍ତାରେ ଘସି ଘସି କଲେଜ କ୍ୟାମ୍ପସ୍‌କୁ ଯାଏ, ସେଠି ଲୁଚିକି ଟ୍ୟାପ୍‌ରେ ଗାଧୋଇ ପଡି ବ୍ୟାଗ୍‌ରେ ୟୁନିଫର୍ମ ଥାଏ ପିନ୍ଧି ରେଡ଼ି ହୋଇଯାଏ। ମୁଁ ହେଉଛି ପ୍ରଥମ ଛାତ୍ର ; ଯିଏକି କଲେଜରେ ଆଗେ ପହଞ୍ଚେ। ପ୍ରତିଦିନ ଷ୍ଟେଜ୍‌କୁ ପୋଛି ସେଠି ଧୂପଟିଏ ଲଗାଏ। ପାଖରେ ପଇସା ଥିଲେ ଜଳଖିଆ ଖାଏ ନ ହେଲେ ନାହିଁ। ଏମିତି କିଛିଦିନ ଯିବା ପରେ ୟୁନିଟ-୮ରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ସରକାରୀ ହଷ୍ଟେଲରେ ରହିବାକୁ ମୋତେ ସୁଯୋଗ ମିଳିଲା। ଟ୍ରେନ୍‌ରେ ଅନିଦ୍ରା ହୋଇ ଯିବାଆସିବା ଯୋଗୁ ଦେହ ଖରାପ ହେଲା। ତେଣୁ ଭାଇଙ୍କ ବ୍ୟବସାୟରେ ଆଉ ମୁଁ ସହଯୋଗ କରିପାରିଲିନି। କଲେଜରେ ପାଠପଢା ଓ ନାଟକରେ ରିହାରସାଲ ସାଙ୍ଗକୁ ବେଳେବେଳେ ରବୀନ୍ଦ୍ର ମଣ୍ଡପରେ ସରକାରଙ୍କର ବିଭିନ୍ନ ଡିପାର୍ଟମେଣ୍ଟ ତରଫରୁ ପରିବେଷଣ କରାଯାଉଥିବା ନାଟକରେ ସହ ନିର୍ଦ୍ଦେଶନା ଦେବାର କାମ କଲି। ପଥପ୍ରାନ୍ତ ନାଟକ କଲି, ସେଟ୍ ନିର୍ମାଣ କାମ କଲି। ଏଥିରୁ କେତେବେଳେ ୫୦ ତ କେବେ ୧୦୦ ଟଙ୍କା ପାରିଶ୍ରମିକ ମିଳି ଯାଉଥିଲା। ପରୀକ୍ଷାରେ ଭଲ ରେଜଲ୍ଟ କରିବାରୁ କଲେଜରୁ ୭୦ ଟଙ୍କା ଷ୍ଟାଇପେଣ୍ଡ ବି ମିଳିଲା। ମୁଁ ଖୁବ୍ ସ୍ୱାଭିମାନି। ଯେତେ ଅସୁବିଧାରେ ଥିଲେ ବି କାହା ପାଖରେ ହାତ ପତାଏନି। ଏମିତିକି ବାପାଙ୍କୁ ବି ମୋ କଷ୍ଟ ଜଣାଏନି। ମିଛରେ କୁହେ, ମୁଁ ଠିକ୍‌ରେ ଚଳୁଛି। ବରଂ କେମିତି ଏ କଳା କ୍ଷେତ୍ରରେ ତିଷ୍ଠିବି ଆଉ ପ୍ରତିଦିନ କିଛି ନୂଆ ଶିଖି ଆଗେଇବି ସେ ଚେଷ୍ଟାରେ ଥାଏ। ଥରେ କଲେଜ ନାଟକରେ ରିହରସାଲ କରୁଥାଏ, ସେଠିକି ଅଭିନେତା, ନିର୍ଦ୍ଦେଶକ, ଆମ କଲେଜର ପ୍ରାକ୍ତନ ଛାତ୍ର ଚୌଧୁରୀ ବିକାଶ ଦାସ ଆସିଥାନ୍ତି। ମୋ ଅଭିନୟକୁ ଦେଖି ମୋତେ ଡିଡି-୧ରେ ବାହାଘର ସିରିଏଲରେ ଚାକର ଟୋକା ଗେଣ୍ଡୁଆର ଅଭିନୟ କରିବାକୁ କହିଲେ, ଯେଉଁଥିରେ ସେ ନିଜେ ନିର୍ଦ୍ଦେଶନା ଦେଉଥିଲେ। ଅଭିନୟ କଲି, ଦର୍ଶକ

→



ପରିବାର ବର୍ଗଙ୍କ ସହ ହରି



ପରିବାର ବର୍ଗଙ୍କ ସହ ଶଙ୍କର



ଗେଣ୍ଡୁଆ ଚରିତ୍ରକୁ ପସନ୍ଦ ବି କଲେ। ୬୦୦୦ ଟଙ୍କା ପାରିଶ୍ରମିକ ମିଳିଲା। ପରବର୍ତ୍ତୀ ବର୍ଷ ରାଜୁ ମିଶ୍ରଙ୍କ 'ସତମିଛ' ସିନେମାରେ ଅଭିନୟ କରି ୫୦୦୦ ପାଇଲି। ଖୁସିର କଥା ଯେ, ଏହି ପ୍ରଥମ ଚଳଚ୍ଚିତ୍ରରେ ହିଁ ସିନେକ୍ରିଟିକ ଆସୋସିଏଶନ ତରଫରୁ ମୋତେ ବେଷ୍ଟ କମେଡିଆନ ଆୱାର୍ଡ ମିଳିଥିଲା। ଭାବିଲି ମୋ ଭାଗ୍ୟ ଫିଟିଗଲା। କିନ୍ତୁ ନା, ମୋତେ ପୁଣି ୩ ବର୍ଷ ସଂଘର୍ଷ କରିବାକୁ ପଡିଲା। ପରବର୍ତ୍ତୀ ସିନେମା ରବି କିନାଗୀଙ୍କ 'ସିନ୍ଦୂର ନୁହେଁ ଖେଳଘର' ମିଳିଲା। ଧୀରେ ଧୀରେ କାମ ମିଳିଲା। ହାସ୍ୟ ଅଭିନୟରୁ ସିରିଏସ ଆକ୍ଟିଂ, ଅଭିନେତାରୁ ନିର୍ଦ୍ଦେଶକ, ପ୍ରଯୋଜକ ଏମିତି ଗୋଟେ ପରେ ଗୋଟେ ପାହାଚ ଚଢି ଆଜି ଏ ସ୍ଥାନରେ ପହଞ୍ଚିଛି। ମୋତେ ପାଠ ପଢିବାକୁ ଭଲ ଲାଗେ। ମୋର କଳା, ଅଭିନୟର ଶିକ୍ଷା ସରିନି। ଜର୍ନାଲିଜମ କୋର୍ସ କରିସାରିଛି, ଆଉ ଏବେ ମୋର ଥିଏଟର ଉପରେ ପିଏଚଡି କାମ କଲଚର୍ ୟୁନିଭର୍ସିଟିରେ ଚାଲିଛି। ଆଜି ମୁଁ ଯେଉଁଠି ପହଁଞ୍ଚିଛି, ତା' ପଛରେ ଭଗବାନଙ୍କ ଆଶୀର୍ବାଦ, ଗୁରୁମାନଙ୍କ ମାର୍ଗଦର୍ଶନ, ଦର୍ଶକଙ୍କ ଭଲପାଇବା, ମୋ ପରିଶ୍ରମ, ମୋ ଝିଅ ତାବିଶୀ ତନୟାର ଉତ୍ସାହ ଏବଂ ମୋ ଧର୍ମପତ୍ନୀ ଡ. ମୋନାଲିସା ମହାପାତ୍ରଙ୍କ ପୂର୍ଣ୍ଣ ସହଯୋଗ ରହିଛି।''

## ମେକ୍‌ଅପ୍ ମ୍ୟାନ୍‌ରୁ କ୍ୟାରିୟର ଆରମ୍ଭ କରି ଆଜି ଏ ସ୍ଥାନରେ ପହଞ୍ଚିଛି: ଶଙ୍କର

ମିଷ୍ଟର ନନ୍‌ସେନ୍ସ, ଲୋକ ନକଲି କଥା ଅସଲି ଭଳି ବହୁ ଟେଲିଭିଜନ ପ୍ରୋଗ୍ରାମ୍‌ରେ ତାଙ୍କର ଚିତ୍ତାକର୍ଷକ ଅଭିନୟ ଓ ମଜାଦାର ଡାଇଲଗ୍ ଦର୍ଶକଙ୍କୁ ଖୁବ୍ ହସାଏ। ବିଶେଷକରି ନାରୀ ଚରିତ୍ରରେ ତାଙ୍କ ଅଭିନୟ ଖୁବ୍ ସୁନ୍ଦର ଲାଗେ। ୟୁଟ୍ୟୁବ୍‌ରେ ବି ସେ ବେଶ୍ ସକ୍ରିୟ। ସେ ହେଲେ ଲୋକପ୍ରିୟ ହାସ୍ୟାଭିନେତା **ଶଙ୍କର୍ଷଣ ପ୍ରଧାନ।** ଶଙ୍କର ନାମରେ ସେ ବେଶ୍ ଲୋକପ୍ରିୟ। ସେ କୁହନ୍ତି-''ଅଭିନୟ ପ୍ରତି ଦୁର୍ବଳତା ସ୍କୁଲ ସମୟରୁ ଥିଲା। ରିସେସ୍ ଟାଇମ୍‌ରେ ସାଙ୍ଗସାଥୀଙ୍କ ଆଗରେ ଟିଚର୍‌ମାନଙ୍କର ମିମିକ୍ରି କରୁଥିଲି। ଥରେ ମିମିକ୍ରି କରୁଛି, ଝରକା ପାଖରେ ଇଂରାଜୀ ପଢାଉଥିବା ଶ୍ରୀବତ୍ସ ସାର୍ ମୋତେ ଦେଖି କମନ୍ ରୁମ୍‌କୁ ଡାକିଲେ। ମୋତେ ଭାରି ଡର ଲାଗୁଥିଲା। କିନ୍ତୁ ସାର୍ ରାଗିଲେନି ବରଂ କହିଲେ, 'ଭଲ ଅଭିନୟ କରୁଛୁ, ଆଗକୁ ଧର୍ମପଦ ଉପରେ ସ୍କୁଲ୍‌ରେ ଏକ ଡ୍ରାମା ହେବ, ସେଥିରେ ଅଭିନୟ କରିବୁ।' ଡ୍ରାମାରେ ମୋ ଅଭିନୟ ଏତେ ଭଲ ଲାଗିଲା ଯେ ପରେ ଗାଁ ଓ ଗାଁ ପାଖାପାଖି ସମସ୍ତେ ମୋତେ ଅଭିନୟ ପାଇଁ ଡାକିଲେ। ସେତେବେଳେ ନାରୀ ଚରିତ୍ରରେ ଅଭିନୟ କରିବାକୁ କଳାକାର ମିଳୁ ନ ଥିଲେ। ମୋର ପ୍ରଥମ ନାରୀ ଚରିତ୍ରରେ ଅଭିନୟ ସେଇଠୁ ହିଁ ଆରମ୍ଭ ହୋଇଥିଲା। ସେତେବେଳେ ଆମ ସ୍କୁଲରେ ନିମାଇଁ ଚରଣ ଦାସ ବୋଲି ଜଣେ ସାର୍ ଥାଆନ୍ତି, ଯିଏକି ଡ୍ରାମା କଲେଜର ସିତାର ଡିପାର୍ଟମେଣ୍ଟରୁ ପାସ୍‌ଆଉଟ୍। ସେ ମୋତେ ପରାମର୍ଶ ଦେଲେ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବା ପାଇଁ। କିନ୍ତୁ ଘରେ ବିରୋଧ କଲେ। ମୋ ବାପା ବିଷ୍ଣୁଚରଣ ପ୍ରଧାନ ଚାହୁଁଥିଲେ, ମୁଁ ପାଠପଢି ଶିକ୍ଷକଟିଏ ହୁଏ। କିନ୍ତୁ ମୁଁ କାହା କଥା ନଶୁଣି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ପଢିବା ପାଇଁ ଆସିଲି। ବାପାଙ୍କ ଇଚ୍ଛା ବିରୋଧରେ ଯାଇ ପାଠ ପଢୁଥିବାରୁ ଘରୁ ସେମିତି କିଛି ଟଙ୍କା ପଇସା ମିଳେନି। ମୋ ବୋଉ ପାଶୋରୀ ଦେବୀ ଲୁଚେଇ ଲୁଚେଇ ଯେଉଁ ଅଳ୍ପ ଟଙ୍କା ଦିଏ ସେଇଥିରେ କଷ୍ଟେ ମଷ୍ଟେ ଭୁବନେଶ୍ୱରରେ ଚଳୁଥାଏ। ନାଟକର ଥିଓରି ଓ ପ୍ରାକ୍ଟିକାଲ୍ ପଢ଼ା, ତା'ସାଙ୍ଗକୁ ମଞ୍ଚ ନାଟକରେ ଅଭିନୟ ଭିତରେ ମୋର ମାଷ୍ଟର ଡିଗ୍ରୀ ସରିଗଲା। ଥରେ ବାପା ଆସି ମୋ ଉପରେ ଭୀଷଣ ରାଗିଲେ। କହିଲେ ଏତେ ବର୍ଷ ନଷ୍ଟ କରିଦେଲୁ କିନ୍ତୁ ଫଳ କ'ଣ ହେଲା। ଟଙ୍କାଟିଏ ବି ରୋଜଗାର ତୋର ଏଯାଏ ହେଇନି। ଏବେ ଆଉ କିଛି କାମ ତ କର। ସେତେବେଳେ କଳିଙ୍ଗ ଷ୍ଟାଡିୟମର ଏକ ପରିତ୍ୟକ୍ତ କୋଠରିରେ ଅନୁମତି ନେଇ ଆମେ ନାଟକର ରିହରସାଲ୍ କରୁଥାଉ। ସେହି ସମୟରେ ଏକ ଫିଜିକାଲ ଏଜୁକେଶନ କଲେଜ, ଯେଉଁଠାରେ ପିଇଟି ଟିଚରମାନେ ଟ୍ରେନିଂ ନିଅନ୍ତି, ତାହା ଶିଫ୍ଟ ହୋଇ କଳିଙ୍ଗ ଷ୍ଟାଡିୟମ୍‌କୁ ଆସିଲା। ସେମାନଙ୍କ ସହ କଥାବାର୍ତ୍ତା କରି ମୋ ସୁବିଧା ଅନୁସାରେ ସେଠାରୁ ପିଇଟି ଟ୍ରେନିଂ ନେଇଗଲି ; ଯାହା ଭବିଷ୍ୟତରେ ମୋର ଖୁବ୍ କାମରେ ବି ଆସିଲା। ଆଉ ତାରି ଭିତରେ ମୁଁ ପ୍ରାୟ ୧୫/୧୬ଟି ନାଟକରେ ନିର୍ଦ୍ଦେଶନା ଦେବା ସହ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପଥପ୍ରାନ୍ତ ନାଟକରେ ଅଭିନୟ କରି ସାରିଥାଏ। ତା'ସହିତ ମଞ୍ଚରେ ମିମିକ୍ରି କରି ଏବଂ ଆର୍ଟିଷ୍ଟମାନଙ୍କୁ ମେକ୍‌ଅପ୍ ଦେଇ ଯାହା ରୋଜଗାର କରୁଥାଏ, ସେଥିରେ ନିଜ ଖର୍ଚ୍ଚ ତୁଲାଉଥିଲେ। ପିଇଟି ଟ୍ରେନିଂ କୋର୍ସ ସରିଯିବା ପରେ ମୋତେ ଏକ ଶିଶୁ ମନ୍ଦିରରେ ପିଇଟି ଟିଚର୍ ଭାବେ କାମ କରିବାର ସୁଯୋଗ ମିଳିଲା। ପରେ ସରକାରୀ ସ୍କୁଲ୍‌ରେ ବି ଚାକିରି ମିଳିଲା। ମୁଁ ପ୍ରାୟ ୧୧ ବର୍ଷ ମେକ୍‌ଅପ୍ ମ୍ୟାନ୍ ଭାବେ କାମ କରିଛି, ଅନେକ ନାଟକ ପାଇଁ ସ୍କ୍ରିପ୍ଟ ମଧ୍ୟ ଲେଖିଛି। ବେଷ୍ଟ ମେକ୍‌ଅପ୍ ଆର୍ଟିଷ୍ଟ ଭାବେ ଷ୍ଟେଟ୍ ଆୱାର୍ଡ ବି ପାଇଛି। ଏତେ ସବୁ ପରେ ବି ଇଚ୍ଛା ଥାଏ ଟିଭିରେ କେମିତି ଆସିବି। 'ବଡ଼ ଘର ବଡ଼ ଗୁମର କଥାରେ' ସେହି ସୁଯୋଗଟି ମିଳିଲା। ରୋଲ୍‌ଟି ଥିଲା ଏକ ଚାକରର ଭୂମିକାର। ସେମିତି 'ସ୍ତ୍ରୀ' ହେଉଛି ମୋ ଅଭିନୀତ ପ୍ରଥମ ଫିଲ୍ମ। ସେବେଠାରୁ ଧୀରେ ଧୀରେ ମୁଁ ନିଜକୁ ଆକ୍ଟିଂ ଲାଇନ୍‌ରେ ସକ୍ରିୟ କଲି। ପ୍ରଥମେ ଅଭିନେତା ହରିହର ମହାପାତ୍ର ଓ ପରେ ପ୍ରଜ୍ଞାଙ୍କ ସହ ମିଶି ମୁଁ ଟିଭିରେ କିଛି ମଜାଦାର୍ ଶୋ କଲି ; ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଲା। ତା'ପରଠୁ ମୁଁ ଆଉ ପଛକୁ ଫେରି ଚାହିଁନି। ଆଜି ମୁଁ ଯେଉଁ ସ୍ଥାନରେ ଆସି ପହଞ୍ଚିଛି ତା'ର ଶ୍ରେୟ ଭଗବାନଙ୍କ ଆଶୀର୍ବାଦ, ଦର୍ଶକଙ୍କ ଭଲ ପାଇବା, ଗୁରୁଜନମାନଙ୍କ ଆଶିଷ, ମୋ ପରିବାର ଓ ଗ୍ରାମବାସୀ, ପତ୍ନୀ ନିରୁପମା ଓ ମୋର ଝିଅ ଆୟୁଷ୍ମତୀ ଓ ପୁଅ ସାରାଂଶକୁ ଦେବି।''

## କଲେଜ ଛାଡ଼ିବିନି ବୋଲି ଜାଣି ଜାଣି ପରୀକ୍ଷାରେ ଫେଲ୍ ହେଉଥିଲି:ପ୍ରଜ୍ଞା

ମିଷ୍ଟର ନନ୍‌ସେନ୍ସ, ଲୋକ ନକଲି କଥା ଅସଲି, ସିଆଡ଼ି, କେବିସି ଭଳି ଲୋକପ୍ରିୟ ଟିଭି କାର୍ଯ୍ୟକ୍ରମରେ ହାସ୍ୟାଭିନେତା ଶଙ୍କର ପ୍ରଧାନଙ୍କ ସହ ତାଙ୍କର ଯୋଡ଼ି ଖୁବ୍ ଜମେ। ଇଏ ହେଲେ କମେଡ଼ି ମାଷ୍ଟର **ପ୍ରଜ୍ଞା ରଞ୍ଜନ ଖଟୁଆ।** ନିଜ ସଂଘର୍ଷକୁ ନେଇ ସେ କୁହନ୍ତି, ''କଟକ ଜିଲା ମାହାଙ୍ଗା ବ୍ଲକ୍ ନିଶ୍ଚିନ୍ତକୋଇଲି ଅନ୍ତର୍ଗତ ସାହାନିଆଜ୍‌ପୁର୍‌ରେ ମୋ ଘର। ବାପା ଅନନ୍ତ ଚରଣ ଖଟୁଆ ଜଣେ ଶିକ୍ଷକ। ଡ୍ରାମାରେ ବି ସେ ନିର୍ଦ୍ଦେଶନା ଦେଇଥାନ୍ତି। ଆମ ଘର ଏକ କଳାକାରର ପରିବାର। ଘରେ ବୋଉକୁ ଛାଡ଼ିଦେଲେ ସମସ୍ତେ ବାପାଙ୍କ ନାଟକରେ ଅଭିନୟ କରନ୍ତି। ମୁଁ ବି ଅଭିନୟ କଲି। ମୋର ଇଚ୍ଛା ଥିଲା ଟିଭିରେ କେମିତି ବାହାରିବି। ମୋର ପାଠପଢା ସେତେ ଭଲ ହୁଏନି ; ଚିତ୍ର କିନ୍ତୁ ଭଲ ଆଙ୍କିପାରେ। ମାଟ୍ରିକ୍‌ରେ ମୋର କ'ଣ ରେଜଲ୍ଟ ହେବ ତାକୁ ନେଇ ଘରେ ଦ୍ୱନ୍ଦ୍ୱରେ ଥିଲେ। ଯଦି ଭଲ ରେଜଲ୍ଟ ହେଲା କଲେଜରେ ପଢିବୁ ନହେଲେ ଯାତ୍ରାରେ ଯାଇ ଅଭିନୟ କରିବୁ ନଚେତ୍ ଚିତ୍ର ଭଲ କରୁଛୁ ଯଦି ବି କେ ଆର୍ଟ କଲେଜରେ ପଢିବୁ। ସେ ସମୟରେ ମୋର ଜଣେ ସମ୍ପର୍କୀୟ ଦାଦା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢୁଥାନ୍ତି। ତାଙ୍କ ପରାମର୍ଶରେ ମୁଁ ବି ଆସି ଏଠି ପଢିଲି। ହଷ୍ଟେଲର ସୁବିଧା ନଥିଲା। ସାମନ୍ତରାପୁରରେ ଥିବା ଜଣେ ଦାଦାଙ୍କ ଘରେ ରହିଲି। ସେଠୁ ପ୍ରତିଦିନ ଚାଲି ଚାଲି କଲେଜ ଯାଉଥିଲି। କାରଣ ମୋ ପାଖରେ ବସ୍ ଭଡ଼ା ଦେବାକୁ ପଇସା ନଥାଏ। ଘରୁ ବି ବେଶୀ ଟଙ୍କା ଆଣି ପାରୁ ନଥିଲି। କାରଣ ବାପା ଏକୁଟିଆ ରୋଜଗାରିଆ ମଣିଷଙ୍କୁ, ତାଙ୍କ ଉପରେ ୧୨ ଜଣ ନିର୍ଭରଶୀଳ। ଚାଉଳ ବସ୍ତେକୁ ମାତ୍ର ୫୦୦ଟଙ୍କା ପ୍ରତିମାସରେ ଘରୁ ଆଣୁଥିଲି। ପଇସା ସରିଗଲେ ଉପାସ ରହିଯାଏ ପଛେ କାହାକୁ ମାଗେନି। ପ୍ରତିଦିନ ଯିବା ଆସିବାରେ ଅସୁବିଧା ହେବାରୁ ମୁଁ ଆମ ଡିପାର୍ଟମେଣ୍ଟର ଡୁପ୍ଲିକେଟ୍ ଚାବି କରି ରାତିରେ ସେଠି ଲୁଚିକି ରହି ଯାଉଥିଲି। ସକାଳୁ କେହି ଆସିବା ପୂର୍ବରୁ ଗାଧୋଇ ପାଧୋଇ ରେଡ଼ି ହୋଇ ଯାଉଥିଲି। କଲେଜରେ ସକାଳୁ ଆରମ୍ଭ କରି ଦିନ ୧ଟା ଯାଏଁ ପାଠପଢା ହେଉକି ବିଭିନ୍ନ ପ୍ରାକ୍ଟିକାଲ୍ କାମରେ ମଜ୍ଜି ରହୁଥିଲି। କଲେଜରେ ଆକ୍ଟିଂ କରିବା ସହିତ ଲାଇଟ୍ ଲଗେଇବା, ସେଡ୍ ଡିଜାଇନ୍ କରିବା, ଡିରେକ୍ସନ୍‌ଠୁ ନେଇ ଷ୍ଟେଜ୍ କ୍ରାଫ୍ଟ, ମେକ୍‌ଅପ୍, କଷ୍ଟ୍ୟୁମ୍ ଡିଜାଇନ୍ କରିବା ସବୁଥିରେ ମୁଁ ସାମିଲ ରହୁଥିଲି। ସେଥିପାଇଁ ସମସ୍ତଙ୍କର ମୁଁ ପ୍ରିୟ ଥିଲି। କଲେଜ ପ୍ରତି ମୋର ଏତେ ମୋହ ଥିଲା ଯେ, ପରୀକ୍ଷାରେ ପାସ୍ ହୋଇଗଲେ କାଳେ କଲେଜ ଛାଡ଼ିବାକୁ ପଡିବ ବୋଲି ଭାବି ମୁଁ ଜାଣି ଜାଣି ପରୀକ୍ଷାରେ ଫେଲ୍ ହେଉଥିଲି। ଶେଷରେ ସାର୍‌ମାନେ ବିରକ୍ତ ହୋଇ ମୋତେ ଜୋର୍ ଜବରଦସ୍ତ ପରୀକ୍ଷାରେ ପାସ୍ କରାଇଥିଲେ। ସେତେବେଳକୁ ମୁଁ ପ୍ରାୟ ୫/୬ ହଜାର ପଥପ୍ରାନ୍ତ ନାଟକରେ ଅଭିନୟ କରି ସାରିଥାଏ। ତା'ପରେ ଆମ କଲେଜର ଜଣେ ପ୍ରାକ୍ତନ ଛାତ୍ର ଶଙ୍କର୍ଷଣ ପ୍ରଧାନଙ୍କ ସାହାଯ୍ୟରେ ମୁଁ 'ଭେଜା ଫ୍ରାଏ' ନାମକ ଟିଭି ପ୍ରୋଗ୍ରାମ୍‌ରେ କାମ କରିବାର ସୁଯୋଗ ପାଇଲି। ବାସ୍ ତା'ପରଠୁ ଆଉ ପଛକୁ ଫେରି ଚାହିଁକି। ଲୋକେ ମୋ ଅଭିନୟକୁ ପସନ୍ଦ କଲେ, ଆଉ ମୋତେ ଗୋଟେ ପରେ ଗୋଟେ କାମର ଅଫର୍ ମିଳିଚାଲିଲା। ତଟ୍‌କା ମାଲ୍, ସିଆଇଡି, କେବିସି, ମିଷ୍ଟର ନନ୍‌ସେନ୍ସ, ଲୋକ ନକଲି କଥା ଅସଲି, ଗୋଲ୍‌ମାଲ୍ ଏମିତି ଅନେକ କାର୍ଯ୍ୟକ୍ରମରେ ମୁଁ ଅଭିନୟ କରିଛି। ବିଶେଷ କରି ଶଙ୍କର ଭାଇଙ୍କ ସାଙ୍ଗରେ ମୋର ଯୋଡ଼ିକୁ ଦର୍ଶକେ ବେଶୀ ପସନ୍ଦ କରିଛନ୍ତି। 'ସଲାମ୍' ହେଉଛି ମୋ ଅଭିନୀତ ପ୍ରଥମ ସିନେମା। ତା'ପରେ ବି ଆହୁରି ଅନେକ ସିନେମାରେ ଅଭିନୟ କରିଛି। 'ମ୍ୟାଜିକ୍ ଥିଏଟର୍' ନାମରେ ମୋର ଏକ ଇନ୍‌ଷ୍ଟିଚ୍ୟୁଟ୍ ବି ରହିଛି। ମୋ ପତ୍ନୀ ସୁନନ୍ଦା ପରିଡ଼ା ଆଗରୁ ଅଭିନୟ କରୁଥିଲେ। ମୁଁ ଆଜି ଯେଉଁ ସଫଳତା ପାଇଛି, ତା'ପଛରେ ପ୍ରଭୁଙ୍କ କରୁଣା, ଗୁରୁଜନମାନଙ୍କ ଆଶୀର୍ବାଦ, ଦର୍ଶକଙ୍କ ଶ୍ରଦ୍ଧା,ମୋ ପରିବାର ଓ ମୋ ପତ୍ନୀଙ୍କ ସହଯୋଗ ଆଉ ମୋ ଝିଅ ଶ୍ରୀଜି ପ୍ରଜ୍ଞାନନ୍ଦାର ଶୁଭେଚ୍ଛାଭରା ହାତ ଥିବା ମୁଁ ଭାବେ।''

କେବଳ ଏମାନେ ନୁହଁନ୍ତି, ଏମାନଙ୍କ ପରି ଆହୁରି ଅନେକ ହାସ୍ୟାଭିନେତା ବି ଅଛନ୍ତି, ଯେଉଁମାନଙ୍କର ମଜାଳିଆ କଥାରେ ଦର୍ଶକ ମନଖୋଲି ହସିବା ସହ କିଛି ସମୟ ପାଇଁ ଆତ୍ମଶାନ୍ତି ବି ପାଇପାରୁଛନ୍ତି।

**-ଅନ୍ୱିତା ମିଶ୍ର**




ପରିବାର ବର୍ଗଙ୍କ ସହ ପ୍ରଜ୍ଞା ରଞ୍ଜନ



# ସାହିତ୍ୟ ହିଁ ଜୀବନକୁ ସହଜ କରେ









ଏବେକାର ଓଡ଼ିଆ ଗଳ୍ପ ସାହିତ୍ୟରେ ତାଙ୍କର ରହିଛି ଏକ ଭିନ୍ନ ପରିଚୟ। ପ୍ରାୟ ୪୨ ବର୍ଷ ବୟସରୁ ସେ ଆରମ୍ଭ କଲେ ଗଳ୍ପ ଲେଖିବା। ଆଉ ଏଯାଏ ଲେଖିସାରିଛନ୍ତି ପ୍ରାୟ ୧୩୦୦ ଗଳ୍ପ। ଏ ଭିତରେ ତାଙ୍କର ୬ଖଣ୍ଡ ଗଳ୍ପ ପୁସ୍ତକ ପ୍ରକାଶିତ ବି ହୋଇସାରିଛି। ସେ ହେଲେ **ଶିବାଶିଷ ପାଢ଼ୀ**। ଜନ୍ମ: ୪ ଜାନୁଆରୀ, ୧୯୭୬ରେ। ମାତା ଶବ୍ୟାରାଣୀ ଓ ପିତା ବିରଞ୍ଚି ନାରାୟଣ ପାଢ଼ୀ। ଘର ସୁନ୍ଦରଗଡ଼ ଜିଲାର ହେମଗିରି ବ୍ଲକ ଅଧୀନ ହେମଗିରି ଗାଁରେ। ପେସା ତାଙ୍କର ଶିକ୍ଷକତା, ମାତ୍ର ନିଶା ଗଳ୍ପ ଲେଖିବା। ସେ କୁହନ୍ତି,'' ମା'ବାପାଙ୍କର ମୁଁ ଦ୍ୱିତୀୟ ସନ୍ତାନ। ମୁଁ ଜାଣିବାରେ ଆମ ମାଟିଘରର କାନ୍ଥ, ଛପରର କଣାରୁ ଏକ ସରଳରେଖାରେ ପଡୁଥିବା ସୂର୍ଯ୍ୟକିରଣ, ବାଡ଼ିପଟେ ଥିବା ଏକ ଅସମ୍ପୂର୍ଣ୍ଣ କୂଅର ଭୟ, ପୁଣି ଜୀବନର ରାସ୍ତା ପରି ଅଙ୍କାବଙ୍କା ଗ୍ରାମ୍ୟ ପଥରେ ଏକାଏକା ଚାଲିବା ବେଳେ ମନରେ ଶଙ୍କା ଆସୁଥିବା ମିଛିମିଛିକା ଭୂତପ୍ରେତର କଥା ଥିଲା ମୋର ସୃଜନଶୀଳତାର ପ୍ରଥମ ପରିଚୟ। ସେ ସମୟରେ ବାପା ଥିଲେ ସ୍ୱଳ୍ପ ବେତନଭୋଗୀ ପ୍ରାଥମିକ ଶିକ୍ଷକ। ହିସାବ କିତାବରେ ବନ୍ଧା ବାପାଙ୍କ ଦରମାରେ ଲୁଣଠାରୁ ସ୍ୱପ୍ନ ପର୍ଯ୍ୟନ୍ତ କିଣୁଥିବା ଛ'ପ୍ରାଣୀର ଏକ ସରଳ କୁଟୁମ୍ବ। ଘରର ଅଭାବ ଅସୁବିଧାକୁ ସ୍କୁଲ ବୟସରୁ ହିଁ ଅନୁଭବ କରିପାରୁଥିଲି। ଜୀବନ କେବେବି ସହଜ ନଥିଲା । ସେଇ କଠିନ ସମୟରେ ବି ଆଖିରେ ଥିବା ମେଞ୍ଚାଏ ସ୍ୱପ୍ନ, ଜୀବନକୁ ସହଜ କରୁଥିଲା। ସେତେବେଳେ ଜେଜେ ସବୁଦିନ ଗପ କହୁଥିଲେ, ଯାହା ମାଧ୍ୟମରେ ନୀତି ଓ ଆଦର୍ଶ ଯେମିତି ମୋ' ରକ୍ତରେ ମିଶିଯାଉଥିଲା। ବାପା ଅନେକ ବହି ପଢୁଥିଲେ। ସେଥିମଧ୍ୟରୁ ଅଧିକାଂଶ ଥିଲା ଗଳ୍ପ। ବାପା କେବଳ ଯେ ପଢୁଥିଲେ ତା' ନୁହେଁ, ମୋତେ ବି ପଢ଼ିବାକୁ ଉତ୍ସାହିତ କରୁଥିଲେ। ସେ ହିଁ ଶିଖାଇଥିଲେ ଏହି ବହିର ପୃଷ୍ଠାଗୁଡ଼ିକ ମଧ୍ୟରେ ଲୁଚି ରହିଥିବା ଜୀବନ ଗଠନର ସୂତ୍ର। ବିଭିନ୍ନ ଘଟଣାରେ ଜୀବନ ବଞ୍ଚିବା ପରେ ମୋ' ମନରେ ଆନ୍ଦୋଳିତ ହେଉଥିବା ଅଜସ୍ର ଭାବନା, ଅନୁଭବ ଓ ଅନୁଭୂତିକୁ ଆଧାର କରି ଲେଖାଲେଖି ପ୍ରତି ମନ ବଳାଇଥିଲି।''

ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ। ପରେ ଏମ୍.ଇ. ସ୍କୁଲ ଏବଂ ତା'ପରେ ହେମଗିର ଉଚ୍ଚ ବିଦ୍ୟାଳୟରେ। ଯୁକ୍ତଦୁଇ ପଢ଼ିବାକୁ ଯାଇଥିଲେ ମାଣିକେଶ୍ୱରୀ ମହାବିଦ୍ୟାଳୟ। ଏହା ପରେ ବାପା ତାଙ୍କର ବାଧ୍ୟ କରିଥିଲେ ଶିକ୍ଷକ ତାଲିମ ନେବାକୁ। ହେଲେ ତାଙ୍କର ଇଚ୍ଛା ଥିଲା ଉଚ୍ଚ ଶିକ୍ଷା ପାଇଁ। ହେଲେ ସେଥିରେ ଅନ୍ତରାୟ ସାଜିଥିଲା ବାପାଙ୍କର ପାଠ ପଢ଼ାଇବା ପାଇଁ ଅସାମର୍ଥ୍ୟତା। ସେଇଠାରୁ ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା। ମାତ୍ର ବାପା ତାଙ୍କର ପିଠି ଥାପୁଡ଼ାଇ କହିଥିଲେ- ''ବାବୁରେ, ମୁଁ ମୋର ସାମର୍ଥ୍ୟରେ ତୋତେ ଏଯାଏ ଆଣିଲି। ଏବେ ଏ ଜୀବନ ତୋର। ଆଉ ତୋ ପାଇଁ ଅଛି ଏ ସାରା ଆକାଶ। ଏକ ନୂଆ ଜୀବନ ପାଇଁ ପ୍ରସ୍ତୁତ ହୁଅ।'' ସେବେଠାରୁ ବାଧ୍ୟବାଧକତାରେ ସେ ଏହି ବୃତ୍ତିକୁ ଗ୍ରହଣ କରିଥିଲେ। ହେଲେ ଆସ୍ତେ ଆସ୍ତେ ସେହି ବୃତ୍ତି ତାଙ୍କ ନିଶାରେ ପରିଣତ ହୋଇଗଲା। ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତି, ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ କାମ କରିବାର ସୁଯୋଗ, ଯେଉଁଥିରେ ବିଭିନ୍ନ ଲୋକଙ୍କ ସହ ମିଶିବା ତାଙ୍କ ପାଇଁ ଜୀବନକୁ ଭିନ୍ନ ରୂପରେ ଦେଖିବା ସହ ଅନୁଭବ କରିବାର ଅବସର ଦେଇଥିଲା। ବ୍ୟକ୍ତିଗତ ଓ ବୃତ୍ତିଗତ ଅନୁଭବ, ଜୀବନର ଉତ୍ଥାନପତନ ଏବଂ ଆଖପାଖରେ ମୁହୂର୍ତ୍ତେ ମୁହୂର୍ତ୍ତେ ବଦଳୁଥିବା ମଣିଷମାନେ ତାଙ୍କ ଚିନ୍ତା ଓ ଚେତନାକୁ ଗଢୁଥିଲେ। ସେ କୁହନ୍ତି, ''ମୋ ଗାଁ ଆଖପାଖରେ କୋଇଲାଖଣିରେ କାମ କରୁଥିବା ବିସ୍ଥାପିତ ଲୋକଙ୍କ ଦୟନୀୟ ଅବସ୍ଥା ଖୁବ୍ ମର୍ମାହତ କରୁଥିଲା ମତେ। ପ୍ରକୃତିର ଅକାଳ ମୃତ୍ୟୁ ଏବଂ ସାମାନ୍ୟ ଲାଭ ପାଇଁ ମଣିଷ ଅନ୍ୟର ଜୀବନ ସହ ଖେଳୁଥିବା ଦୃଶ୍ୟ ଗଭୀର ଭାବେ ଛୁଉଁଥିଲା ମତେ। ମନ କେବେ ବିଦ୍ରୋହ କରୁଥିଲା ତ କେବେ ହତାଶ କରୁଥିଲା। ସେହି ସବୁ ଭାବନା ମନରେ ଅବଦମିତ ହୋଇ ରହୁଥିଲା। ସେହି ଭାବନାର ସ୍ରୋତକୁ ବାଟ ଦେଖାଇଥିଲେ ବିଶିଷ୍ଟ ସ୍ତମ୍ଭକାର ଓ ସାହିତ୍ୟିକ ବନ୍ଧୁ ଦ୍ୱିତୀଚନ୍ଦ୍ର ସାହୁ। ତାଙ୍କ ସହ ସମ୍ପର୍କ ହିଁ ମୋତେ ସୃଜନଶୀଳତାରେ ବାଟ ଚାଲିବାର ରାହା ଦେଇଥିଲା। ସେ ହିଁ ମନରେ ବିଶ୍ୱାସ ଭରିଥିଲେ ଲେଖିବା ପାଇଁ। ମନ ଭିତରେ ଥିବା ଗଳ୍ପ ପ୍ରତି ଆକର୍ଷଣ ମୋ' ଅଜାଣତରେ ଟାଣି ନେଇଥିଲା ଗଳ୍ପ ଆଡ଼କୁ। ସେଠାରୁ ସକ୍ରିୟ ହୋଇଥିଲା ଲେଖନୀର ଯାତ୍ରା। ଅଦ୍ୟାବଧି ପ୍ରାୟ ୧୩୦୦ ଗଳ୍ପ ଲେଖି ସାରିଲିଣି। ପ୍ରଥମେ ପ୍ରଜାତନ୍ତ୍ର ସାପ୍ତାହିକୀରେ ପ୍ରକାଶିତ ମୋ କ୍ଷୁଦ୍ର ଗଳ୍ପ ମତେ ବିଶ୍ୱାସ ଦେଇଥିଲା- ହଁ, ମୁଁ ଲେଖିପାରିବି। ସମୟକ୍ରମେ ଲେଖିଥିବା ଗଳ୍ପକୁ ନେଇ ପ୍ରାୟ ୬ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଲାଣି। ସେଥିମଧ୍ୟରେ ରହିଛି 'ଆଶାର ଆଲୋକ', 'ଶୂନ୍ୟହସ୍ତା', 'ସେଇ ଧାରେ ହସ', 'ସାରା ଆକାଶ', 'ମଝିକାନ୍ଥ' ଏବଂ 'ବଦଳୁଥିବା ମଣିଷ' ଆଦି ପୁସ୍ତକ। ମୋର ମନେହୁଏ ଏ ଜୀବନ ଏକ ବଡ଼ ଗଳ୍ପ! କେବେ ହସାଏ, କେବେ କନ୍ଦାଏ। ଅହରହ ବଦଳୁଥିବା ଏହି ଜୀବନ କେବେ ଆଣିଦିଏ ବିପୁଳ ଆନନ୍ଦ ତ ପୁଣି କେବେ ବଞ୍ଚିବାକୁ ମଧ୍ୟ ଦୁର୍ବିଷହ କରିଦିଏ। ବାସ୍ତବରେ ରାସ୍ତା ଯେତେବେଳେ କଠିନ ଲାଗେ, ସେତେବେଳେ ସାହିତ୍ୟ ହିଁ ଜୀବନକୁ ସହଜ କରେ ବୋଲି ଅନୁଭବ ହୁଏ। ମୋର ମନେପଡ଼େ କରୋନା ଆକ୍ରାନ୍ତ ସମୟରେ ପୁରୀର ମାତୃରୂପା ଅଗ୍ରଜା ରାଜଲକ୍ଷ୍ମୀ ତ୍ରିପାଠୀ ମୋ' ପାଇଁ ଜଗନ୍ନାଥଙ୍କ ପାଖରେ ଦୀପ ଜାଳିବା କଥା। ଆଉ ଲୋକଙ୍କ ଅଶେଷ ସ୍ନେହ ଶ୍ରଦ୍ଧା ଓ ଆଶୀର୍ବାଦର କଥା।''




ତାଙ୍କ ସୃଜନଶୀଳତା ପାଇଁ ସେ ଅନେକ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ସୁନ୍ଦରଗଡ଼ ଲେଖକ ପରିଷଦ, ଇସ୍ପାତ ସାହିତ୍ୟ ସଂସଦ, ମୃଗତନ୍ଦ୍ରା ଇତ୍ୟାଦି ସଂଗଠନ ତରଫରୁ ପୁରସ୍କୃତ ହୋଇଥିବାବେଳେ 'ଅରଣ୍ୟ' ତରଫରୁ ବିଷୁବ ସମ୍ମାନରେ ସମ୍ମାନିତ ବି ହୋଇଛନ୍ତି। ସେ କୁହନ୍ତି, ''ଏବେ ବି ମୋ' ବାପାଙ୍କ କଥା ସବୁବେଳେ ମନେପଡ଼େ, ତାଙ୍କ ଅଦେଖା କାନ୍ଧକୁ ଅନୁଭବ କରିଛି। ସୌଭାଗ୍ୟ ଯେ, ମୋ ମା' ମୋ ପାଖରେ ଅଛନ୍ତି। ମୋ ପରିବାର ମୋ ଲେଖାକୁ ନେଇ ବହୁତ ଖୁସି। ପତ୍ନୀ ରଶ୍ମିରେଖା ମୋ ଗଳ୍ପର ପ୍ରଥମ ପାଠିକା, ଦୁଇ ଝିଅ ପ୍ରଜ୍ଞା ଓ ପ୍ରାପ୍ତି, ଭଣଜା ସୋମ୍ୟ ଓ ନାନୀ ସଂଗୀତାର ସାହାଯ୍ୟ ସହଯୋଗ ମତେ ସାହିତ୍ୟମନସ୍କ ହେବା ପାଇଁ ସବୁବେଳେ ପ୍ରେରଣା ଦେଇଥାଏ।''

– ବନବିହାରୀ ବେହେରା





# ଜହ୍ନରାତି

**ରବି ଶତପଥୀ**

ତୁମେ ଯେଉଁ ଅନ୍ଧାରରେ
ଠିଆ ହୋଇଥାଅ
ସେଇଠି ପୂର୍ଣ୍ଣିମା ,
ମୁଁ ଯେଉଁ ଆଲୁଅରେ
ବାଟ ଭୁଲିଯାଏ
ସେଇଠି ଅନ୍ଧାର ।

ତୁମେ ଜହ୍ନଆଲୁଅରେ
ଗାଧୋଇ ପାଧୋଇ
ଯେଉଁ କଇଁପୋଖରୀର
ପାହାଚରେ ବସିଥାଅ
ସେଇଠି ନୀରବରେ
ଗୀତ ଗାଉଥାଏ ଅନ୍ଧାର ।

ମୁଁ ଯେଉଁ ଅନ୍ଧାରକୁ
ମୁହଁରେ ବୋଳି
ତୁମ ପାଖରୁ ଘଡିଏ
ଲୁଚିଯିବାକୁ ଚାହେଁ
ତୁମେ ସେଇଠି ମୋର
ଅଦୃଶ୍ୟ ଛାଇଟିଏ ହୋଇ
ମୋତେ ଖୋଜୁଥାଅ ସାରାରାତି ।

*–ଅଧ୍ୟାପକ ଓଡ଼ିଆ ବିଭାଗ*
*ନନ୍ଦପୁର କଲେଜ , କୋରାପୁଟ*
*ମୋ: ୯୪୩୭୭୮୪୮୫୯*

# ମୁଁ ଫେରିଗଲା ପରେ

**– ସ୍ମୃତିରଞ୍ଜନ ତ୍ରିପାଠୀ**

ଆଉ ବୋହି ହେଉନି ପିଠିରେ
ଟାଣ ଖରା,
ସେମାନେ ଦେଇଥିବା ଯନ୍ତ୍ରଣା ।
ଆଉ ହେଜୁନି ସ୍ୱପ୍ନ
ଲୁହେଇ ହେଉନି ସବୁ ସଂକଳ୍ପ
ଜରାନିବାସର ଏକାନ୍ତ କୋଠଘରେ,
ଆଶୀର୍ବାଦ ଥାଉ ଚନ୍ଦ୍ରର ପାଖେ ପାଖେ
ତୁମେ ହଜୁଥିବ ଭୁଲ୍ ଠିକଣାରେ
ମୁଁ.. ଅନୁଭବୀ ଜାଣେ
ଶୀତଳ ଯନ୍ତ୍ରଣା କ'ଣ ।

ସଦା ଆଶିଷ ଢାଳୁଥିବି
ପ୍ରତୀକ୍ଷାର ଶେଷ ବିନ୍ଦୁରେ ।
ହୁଏତ ଅବସୋସକୁ ଚାଦରକରି
କେହି ଲେଖିପାରେ କବିତା
ଓଢ଼େଇ ହେଉଥିବେ ଉଷୁମ
ମୁଁ କାହାଣୀ ବି ପାଲଟି ଯାଇପାରେ
ଛାଡ଼ିଥିବା ଅଗଣା କୋଳରେ
କାହା ଉପନ୍ୟାସରେ
ଆଉ ଯାହା ବଳକା ପାଉଣା
ମୁଁ ପୁଣି ଫେରିଲା ପରେ ପରେ..

ପାନ ଗୁଆକାତି
ତୋ ବୋଉର ସନ୍ତକ, ସନନ୍ଦ
ସାଇତା ମୋ ବିଛଣା ତଳେ,
ହଁ, ଦୂରରେ ରଖ ସୂର୍ଯ୍ୟଙ୍କୁ
ଯଦି ଜଳିଯାଅ, ମୁକୁଳେଇଦେବି
ମୁଁ ଫେରିଲା ପରେ,
ଜରାଶ୍ରମ ବିଛଣା ନିଦ ଭାଙ୍ଗିଲା ପରେ..

*–ଜଟଣୀ, ଖୋର୍ଦ୍ଧା*
*ମୋ: ୯୪୩୮୩୧୫୩୮୧*



# ଅତୁଲ

**–ଲିପ୍‌ସା ପଟେଲ**

ସେଦିନ କିଛି ନ କହି, ଥରୁଟିଏ ବି ଦେଖା ନ କରି ସେ କେବଳ ଚିଠି ଖଣ୍ଡେ ଛାଡ଼ି ଦେଇ ଚାଲିଗଲା । ସେଇ ଚିଠିରେ ଲେଖାଥିଲା, ମୋ ପରି ଜଣେ ବେକାର ଯୁବକର ବାଟ ଚାହିଁ ଆଉ ବସିବନି ଲିଜା । ମୁଁ ତ ଗୋଟାଏ ଅଭ୍ୟାସ ମାତ୍ର ଯାହା ଧୀରେ ଧୀରେ ବଦଳିଯିବ । ସେ ଫେରିବ ନା ନାହିଁ ସେଇ ଅନିଶ୍ଚିତତା ଭିତରେ ଆଜି ମଧ୍ୟ ଲିଜା ସକାଳୁ ସକାଳୁ ଅଟୋ ନେଇ ଅଫିସକୁ ଯାଏ ଆଉ ଅଟୋରେ ହିଁ ଅଫିସରୁ ଫେରେ । ସହର ସାରା ଯୁଆଡ଼େ ଆଖି ବୁଲାଏ ଅଧିକାଂଶ ଅଟୋରେ 'ଅତୁଲ' ହିଁ ଲେଖା ହୋଇଥାଏ । ଆପେ ଆପେ ଲିଜାର ଓଠରେ ଧାରେ ହସ ଖେଳିଯାଏ ଓ ମନେ ମନେ ସେ କହେ, ତୁମେ ତ ମୋର ନିତିଦିନିଆ ଅଭ୍ୟାସ ହୋଇଗଲ । ତୁମକୁ ଭୁଲିବା ସତରେ ଭାରି କଷ୍ଟକର ଅତୁଲ !

### କଣ୍ଢେଇ

ମୋ ଝିଅ ଖେଳୁଥିବା କଣ୍ଢେଇଟି ହଠାତ୍ କଥା କହିବା ଆରମ୍ଭ କରିଦେଲା । ସେ କହୁଥାଏ, ଏଇଟା ମୋର ପୁନର୍ଜନ୍ମ ନଚେତ୍ ମୁଁ ତ ଗାଜାରେ କେବେଠୁ ଯୁଦ୍ଧରେ ମୃତ୍ୟୁବରଣ କରିସାରିଛି ଆଉ ତୁମ ପରି କୁନି କୁନି ପିଲାମାନେ ମୋତେ କବର ଦେଇସାରିଥିଲେ । ଏଇ ତୁମେ କି ଖେଳ ଖେଳୁଛ ? ଝିଅ ଅବାକ୍ ହୋଇ ପାଟିରେ ଖଣି ମାରିଲା ଭଳି କହିଲା, କଣ୍ଢେଇ ବାହାଘର । ଓଃ !!! ତେବେ ମୋର ଖୁସି ଦିନ ଆସିଗଲା । ମୁଁ ତ ସେଇ ପିଲାମାନଙ୍କ ଗହଣରେ ଥିଲି ଯେଉଁଠି ପିଲାମାନେ କେବଳ ଯୁଦ୍ଧ, ରକ୍ତପାତ, ବିଭୀଷିକା, ବିସ୍ଫୋରଣ ଏବଂ ମୃତ୍ୟୁର ଖେଳ ହିଁ ଖେଳନ୍ତି । ଏଇଟା ତେବେ ଭିନ୍ନ ଦେଶ !! ଏଇଟି ମୋର ପୁନର୍ଜନ୍ମ!!

### ସର୍ଗକୁ ନିଶୁଣି

ବୋଉ ଭୁବନେଶ୍ୱରରୁ ଫେରିଲା ପରେ ପରେ ଦୁଇ ଦିନ ହେଲା ଆଉ ଛାତ ଉପରକୁ ଲୁଗା ଶୁଖେଇବା ପାଇଁ ଗଲାନି । ଶିଢ଼ିଘର ପଟେ ନ ଚାହିଁ ମୁଣ୍ଡ ନୁଆଇଁ ଖାଲି ଯିବା ଆସିବା କରୁଥାଏ । ତା'ର ବ୍ୟବହାରରେ ଏମିତି ପରିବର୍ତ୍ତନ ଦେଖି ତାକୁ ପଚାରିବାରୁ କହିଲା, ତୋ ଭାଇକୁ ପଚାର । ମୋତେ ଏତେ ଶୀଘ୍ର ସର୍ଗକୁ ପଠାଇବା ପାଇଁ ନିଶୁଣି ଚଢ଼ାଉଥିଲା । ମୁଁ ଆଶ୍ଚର୍ଯ୍ୟ ହୋଇ ଭାଇକୁ ପଚାରିବାରୁ ଜାଣିଲି ଯେ ବୋଉ ଏସ୍‌କାଲେଟର ଭୟରେ ଆଉ ଶିଢ଼ି ଚଢ଼ି ଛାତ ଉପରକୁ ଯାଉନି । ତାକୁ ପାଖରେ ବସାଇ ମୋବାଇଲରେ ଦେଖାଇଲି ଏଇ ଯନ୍ତ୍ରଚାଳିତ ଶିଢ଼ିର କରାମତି । ତଥାପି ସେ କହୁଥାଏ, ଏଇଟା ସର୍ଗକୁ ନିଶୁଣି ।

*–ଭବାନୀପାଟଣା, କଳାହାଣ୍ଡି , ମୋ: ୯୪୩୯୪୦୦୩୪୮*

# ସ୍ତବକ

**–ସୁଶ୍ରୀ ହରପ୍ରିୟା ସାହୁ**

ଶବ୍ଦର ଅହେତୁକ ବିସ୍ଫୋରଣରୁ
ମୁକୁଳି ଆସିବାକୁ ହେବ
ନୀରବତାର ଗଭୀର ସମୁଦ୍ରକୁ ।

ଚୁପଚାପ୍ ସମୟକୁ ପିଠିରେ ଲଦି
ଅପେକ୍ଷା କରିବାକୁ ହେବ
କେତେବେଳେ
ତୁମ ଆୟୁଷର ଫୁଲଗୁଡିକ
ହଠାତ୍ ସତେଜ ହୋଇ
ସଫଳତାର ସ୍ତବକ ପାଲଟିବେ ।

*–ପଥୁରିଆ ସାହି, ପୁରୀ –୧*
*୭୭୩୫୫୨୯୩୧୯*



# ଏକଦା ଭାବୁଥିଲେ ଦିଶା...



ଦିଶା ପଟାନିଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୫ରୁ। ଆଉ ଫିଲ୍ମଟି ଥିଲା 'ଲୋଫର୍' (୨୦୧୫)। କିନ୍ତୁ ଏହାପୂର୍ବରୁ ୨୦୧୩ରେ ସେ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ରନର୍ସ ଅପ୍ ଭାବରେ ସନ୍ତୁଷ୍ଟ ହୋଇଥିଲେ। ଏହାପୂର୍ବରୁ ସେ ଉତ୍ତର ପ୍ରଦେଶର ଲକ୍ଷ୍ନୌସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟରରେ ବି-ଟେକ୍ ଏବଂ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିସାରିଥିଲେ। ସେହି ସମୟରେ ତାଙ୍କର ଏକ ଆଶା ଥିଲା। ସେ ଆଶାଟି କ'ଣ ଥିଲା ଜାଣିବେନି ? ଏ ନେଇ ଦିଶା କହନ୍ତି, ''ବି-ଟେକ୍ ଏବଂ ଇଞ୍ଜିନିୟରିଂ ଡିଗ୍ରୀ ପାଇବା ପରେ ମୋର ମନ ଚାକିରି ଆଡକୁ ଢ଼ଳିଥିଲା। ଆଶା ରଖିଥିଲି ଜଣେ ଇଞ୍ଜିନିୟର ଭାବରେ ଚାକିରି କରିବି। କିନ୍ତୁ ବିଜ୍ଞାପନରେ କାମ କରିବା ପରେ ଆକ୍ଟିଂ ପ୍ରତି ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ଶେଷରେ ମୁଁ ଅଭିନୟକୁ ହିଁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲି। ଦର୍ଶକଙ୍କ ଭଲ ପାଇବା ଯୋଗୁଁ ଏପର୍ଯ୍ୟନ୍ତ ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି।'' ୨୦୧୬ରେ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା ଆଉ ଫିଲ୍ମଟି ଥିଲା 'ଏମ.ଏସ.ଧୋନି-ଦ ଅନଟୋଲଡ୍ ଷ୍ଟୋରି'। ଚାଇନିଜ ଫିଲ୍ମ 'କୁଙ୍ଗ ଫୁ ୟୋଗା' ଏବଂ 'ବାଗୀ ୨'ରେ ଦିଶାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ମିଳିଥିଲା। ମାର୍ଶଲ ଆର୍ଟରେ ତାଙ୍କର ବେଶ୍ ଦକ୍ଷତା ରହିଛି। 'ଭାରତ' ଫିଲ୍ମ ପାଇଁ ସେ ଆକ୍ସନ ଶିଖୁଥିବା ସମୟରେ ତାଙ୍କର ମୁଣ୍ଡ ଏକ କଂକ୍ରିଟରେ ନିର୍ମିତ କାନ୍ଥରେ ମାଡ ହୋଇଥିଲା। ଏଥିଲାଗି ସେ କିଛିଦିନ ନିଜର ସ୍ମରଣ ଶକ୍ତି ହରାଇ ବସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏହି ଗମ୍ଭୀର ସମସ୍ୟାରୁ ମୁକୁଳିବାରେ ସକ୍ଷମ ହୋଇଥିଲେ।

ଦିଶା

# ସୂତ୍ର ଖୋଜୁଛନ୍ତି ଅମ୍ଲାନ




ଅମ୍ଲାନ

କେହି କେବେ କଳ୍ପନା କରି ନ ଥିଲେ ଯେ, ଏକ ପରିବାର ଉପରକୁ ଏଭଳି କଳା ବାଦଲ ମାଡି ଆସିବ। ଘଟଣା କ'ଣ ଜାଣିବା ପୂର୍ବରୁ ଏକ ହତ୍ୟାକାଣ୍ଡ ଘଟିଯାଏ। ଏହାକୁ ନେଇ ପରିବାର ସଦସ୍ୟମାନେ ଆତଙ୍କିତ ହୋଇପଡନ୍ତି। ତେବେ କିଏ ଏବଂ କାହିଁକି ଏଭଳି ମର୍ଡର କଲା ? ତା' ପଛରେ କି କାରଣ ରହିଛି ? ଏହା ପଛରେ ଲୁଚି ରହିଥିବା ରହସ୍ୟ ଉପରୁ ପର୍ଦ୍ଦାଫାସ କରିବାକୁ ଆଗଭର ହୋଇଛନ୍ତି ଜଣେ ସାହସୀ ଯୁବକ। ଏଭଳି ଏକ ଚରିତ୍ରରେ ଖୁବ୍ ଶୀଘ୍ର ପରଦା ଉପରକୁ ଆସୁଛନ୍ତି ଅମ୍ଲାନ କୁମାର। ଆଉ ଏହି ରହସ୍ୟ ରୋମାଞ୍ଚଭରା ଓଡ଼ିଆ ଚଳଚ୍ଚିତ୍ରଟି ହେଉଛି 'ଶିକାର'। ଏଥିରେ ନାୟିକା ଚରିତ୍ରରେ ଅଭିନୟ କରୁଛନ୍ତି ଏଲିନା ସାମନ୍ତରାୟ। ଏହାର ଶୁଟିଂ ନିକଟରେ ଶେଷ ହେବା ସହ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଶଶିକାନ୍ତ ଜେନାଙ୍କ ପ୍ରଯୋଜିତ ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଅମ୍ଲାନ ଏବଂ ଏଲିନା ସାମନ୍ତରାୟଙ୍କ ବ୍ୟତୀତ ସୁପ୍ରିୟା, ଅଙ୍କିତ, ଜ୍ଞାନ ହୋତା, ତାପସ ସରଘରିଆ, ପୁଷ୍ପା ପଣ୍ଡା, ଶୁଭାଶିଷ ଶର୍ମା (ମଣ୍ଟୁ), ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଲିପିକାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଚିତ୍ରଟି ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମନେ ରହିବ 'ପା'

ଦିନେ ଏଭଳି ଏକ ଭୂମିକାରେ ଯେ, ଅଭିନୟ କରିବାକୁ ପଡିବ ତାହା ଅଭିଷେକ ବଚ୍ଚନ କେବେ କଳ୍ପନା କରି ନ ଥିଲେ। ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନଙ୍କର ଏହି ପୁତ୍ର ଥରେ ନିଜ ବାପାଙ୍କର ବାପା ଭୂମିକାରେ ଅଭିନୟ କରିଥିଲେ। ଏଭଳି ଏକ ସଂଯୋଗ ଘଟିଥିଲା ଆର.ବାଲ୍‌କିଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ପା' (୨୦୦୯)ରେ। ଏଥିରେ ଦର୍ଶକ ଅମିତାଭଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ପାଇଥିଲେ। ଅଭିଷେକ କୁହନ୍ତି, ''ଯେତେବେଳେ ମୁଁ 'ପା'ର କାହାଣୀ ଶୁଣିଲି ସେତେବେଳେ ନିଜ ରୋଲ୍‌କୁ ନେଇ ମୁଁ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କାରଣ ପାପାଙ୍କର ବାପା ଭୂମିକାରେ ଅଭିନୟ କରିବି-ଏକଥାକୁ ହଜମ କରିବାକୁ ମୋତେ ଟିକେ ସମୟ ଲାଗିଥିଲା। ଯାହାହେଉ ଏହି ରୋଲ୍ ପାଇଁ ମୋତେ ଦର୍ଶକ ଯେଉଁ ପ୍ରଶଂସା ଅଜାଡି ଦେଇଥିଲେ ତାହା ମୋର ଚିର ସ୍ମରଣୀୟ ହୋଇରହିବ।'' ତେବେ ଅଭିଷେକ ଷ୍ଟାରକିଡ ତଥା ଅମିତାଭ ବଚ୍ଚନଙ୍କ ପୁଅ ହୋଇ ବି ବଲିଉଡ୍‌ରେ ଏଣ୍ଟ୍ରି କରିବା ଆଦୌ ସହଜ ନ ଥିଲା। କେତେକ ପ୍ରଯୋଜକ ତାଙ୍କୁ ନେବାକୁ ଅମଙ୍ଗ ହୋଇଥିଲେ। ଶେଷରେ ଜେ.ପି. ଦତ୍ତାଙ୍କ ଫିଲ୍ମ 'ରିଫ୍ୟୁଜି' (୨୦୦୦)ରୁ ଅଭିଷେକ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ଆଉ ନିଜ ଅଭିନୟର ଯାଦୁରେ ଏକଦା ଲଗାତାର ତିନିଥର ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବରେ ପୁରସ୍କୃତ ବି ହୋଇଥିଲେ।

'ପା' ଫିଲ୍ମରେ ଅମିତାଭ-ଅଭିଷେକ



# ଦିନ ଗଣୁଛନ୍ତି ଜାହ୍ନବୀ



ଜାହ୍ନବୀ

ଜାହ୍ନବୀ ଏବେ ଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ହଁ, ଅସଲ କଥା ହେଲା ସେ ଅଭିନୟ କରିଥିବା ଏକ ବିଗ୍ ବଜେଟ୍ ତେଲୁଗୁ ଫିଲ୍ମ ଆସନ୍ତା ମାସ ୨୫ ତାରିଖରେ ପରଦା ଉପରକୁ ଆସିବ। ତେଣୁ ବେଶ୍ ଉତ୍ସୁକତାର ସହ ସେ ଏହି ଶୁଭଦିନକୁ ଅପେକ୍ଷା କରିଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ''ଯାହାହେଉ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ 'ପେଡ୍ଡି' ଚଳିତ ବର୍ଷ ଜୁନ୍ ୨୫ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମଟି ମୋ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାଜିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ବର୍ତ୍ତମାନ ମୋ ହାତରେ ହିନ୍ଦି ସିନେମା ନାହିଁ-ଏକଥା ସତ, ହେଲେ ୨-୩ଟି ଅଫରକୁ ନେଇ କଥାବାର୍ତ୍ତା ଚାଲିଛି।'' ଏକ ସ୍ପୋର୍ଟ ଏବଂ ଆକ୍ସନଭିତ୍ତିକ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବୁଚି ବାବୁ ସନା। ଉକ୍ତ ସିନେମାର ମୁଖ୍ୟ ଆକର୍ଷଣ ହେଉଛନ୍ତି ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ ଚରଣ। ଏଥିରେ ଶିବରାଜକୁମାର ମଧ୍ୟ ଦେଖିବାକୁ ମିଳିବେ। ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏ.ଆର.ରହେମନ। ଚିତ୍ରଟିର ବଜେଟ୍ ରହିଛି ୩୦୦କୋଟି। ସୂଚନାଯୋଗ୍ୟ ଜାହ୍ନବୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଧଡକ'। ଏହା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାପରେ 'ଗୁଞ୍ଜନ ସକ୍‌ସେନା : ଦ କାରଗିଲ ଗର୍ଲ', 'ରୁହି', 'ମିଲି', 'ଉଲଝା' ଏବଂ ତେଲୁଗୁ ଫିଲ୍ମ 'ଦେବାରା - ପାର୍ଟ ୧' ଫିଲ୍ମଗୁଡିକରେ ଦର୍ଶକ ତାଙ୍କ ଭୂମିକାକୁ ବେଶ୍ ପ୍ରଶଂସା କରିଥିଲେ।

# ହାତରେ ଥିଲା ୫୦୦୦

ନୋରା ଫତେହି ଏପର୍ଯ୍ୟନ୍ତ ଅଭିନୟ ଜୀବନରେ ଯେତିକି ପ୍ରଶଂସା ସାଉଁଟିଛନ୍ତି ତାହାକୁ ନେଇ ସେ ବେଶ୍ ଖୁସି ଅଛନ୍ତି। କାରଣ କ୍ୟାରିୟର ଆରମ୍ଭରୁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡିଛି। ଯେତେବେଳେ ସେ ମୁମ୍ବାଇ ଆସିଥିଲେ ସେତେବେଳେ ତାଙ୍କ ପାଖରେ କେତେ ଟଙ୍କା ଥିଲା ଜାଣନ୍ତି ? ମାତ୍ର ୫୦୦୦ଟଙ୍କା। ହେଲେ ସେ ଆଦୌ ବିଚଳିତ ନ ହୋଇ କିପରି ନିଜ ଲକ୍ଷ୍ୟ ପଥରେ ଆଗେଇବେ ସେ ନେଇ ଦୃଢ଼ ମନୋବଳ ସହ ଆଗେଇଥିଲେ। ପ୍ରଥମେ ସେ ଡ୍ୟାନ୍ସ ପ୍ରତି ମନୋନିବେଶ କରିଥିଲେ। ଏଥିରେ ବେଶ୍ ପଟୁତା ଅର୍ଜନ କରିଥିବା ନୋରା କାହାପାଖରୁ ଡ୍ୟାନ୍ସ ଶିଖି ନାହାନ୍ତି। ୟୁଟ୍ୟୁବରୁ ଭିଡିଓ ଦେଖି ସେ ନାଚ ଶିଖିବା ଆରମ୍ଭ କରିଥିଲେ। ଆଉ ନିଜର ଅଦମ୍ୟ ସାହସ ବଳରେ ଏ କ୍ଷେତ୍ରରେ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଲେ। ପରେ ଯେଉଁ ସିନେମା ତାଙ୍କୁ ମିଳିଲା ସେଥିରେ ସଂଯୋଜିତ ଡ୍ୟାନ୍ସକୁ ସେ ସୁନ୍ଦର ଭାବରେ ଫୁଟାଇପାରିଲେ। କେତୋଟି ତେଲୁଗୁ ଫିଲ୍ମରେ ସେ ସ୍ପେଶାଲ ଆପିୟରେନ୍ସରେ ବି ଦେଖାଦେଇଛନ୍ତି। ବିଶେଷଭାବରେ ତେଲୁଗୁ ଫିଲ୍ମ 'ଟେମ୍ପର', 'ବାହୁବଳୀ : ଦ ବିଗନିଙ୍ଗ' ଏବଂ 'କିକ୍ ୨'ରେ ସେ ଯେଉଁ ଡ୍ୟାନ୍ସ କରିଥିଲେ ତାହା ପ୍ରଯୋଜକମାନଙ୍କୁ ପ୍ରଭାବିତ କରିଥିଲା। ନୋରାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ରୋର୍ : ଟାଇଗର୍ସ ଅଫ ଦ ସୁନ୍ଦରବନ୍ସ'। ବର୍ତ୍ତମାନ ସେ କନ୍ନଡ ଫିଲ୍ମ 'କେଡି : ଦ ଡେଭିଲ' ଏବଂ ତାମିଲ ଫିଲ୍ମ 'କାଞ୍ଚନା ୪'ରେ ଅଭିନୟ କରୁଛନ୍ତି।



ନୋରା

# କ୍ୟାମେରାକୁ ଡରୁଥିଲେ ତ୍ରିପ୍ତି

ତ୍ରିପ୍ତି ଡିମରିଙ୍କର ଗୋଟିଏ ଜିନିଷକୁ ଭାରି ଭୟ ଥିଲା। ଯେତେବେଳେ ସେ ଏକଥା ଶୁଣୁଥିଲେ ସେହି ସ୍ଥାନରୁ କେମିତି ଖସିବେ ଚିନ୍ତା କରୁଥିଲେ। ହେଲେ ତାହା କ'ଣ ଜାଣନ୍ତି ? କ୍ୟାମେରା। ଅର୍ଥାତ୍, ଫିଲ୍ମ ଶୁଟିଂ ପାଇଁ ବ୍ୟବହୃତ ହେଉଥିବା କ୍ୟାମେରାକୁ ସାମ୍ନା କରିବାକୁ ତାଙ୍କୁ ଭାରି ଭୟ ଲାଗୁଥିଲା। ହେଲେ ଦିନେ ତାଙ୍କୁ ଯେ, ଫିଲ୍ମ ଲାଇନ୍‌ରେ କ୍ୟାରିୟର କରିବାକୁ ପଡିବ ସେ କଥା କେବେ ଭାବି ନ ଥିଲେ। ତ୍ରିପ୍ତି କୁହନ୍ତି, ''ମୋତେ କ୍ୟାମେରା ଦେଖିଲେ ଭାରି ଭୟ ଲାଗୁଥିଲା। ହେଲେ ସେ କଥା ମୁଁ କାହା ଆଗରେ ପ୍ରକାଶ ନ କରି ଲାଜେଇ ସେଠାରୁ ଚାଲି ଯାଉଥିଲି। ଏମିତିରେ ଦିନେ ଯେ ମୋତେ ଫିଲ୍ମରେ ଅଭିନୟ କରିବାକୁ ପଡିବ ସେ କଥା କେବେ ଭାବି ନ ଥିଲି। ଏବେ ସେସବୁ କଥା ମନେ ପଡିଲେ ଭାରି ହସ ଲାଗେ। ହେଲେ ପରେ ମୁଁ ଏଫଟିଆଇରେ ପଢିଲି।'' ପୁନେସ୍ଥିତ ଏଫଟିଆଇରୁ ତ୍ରିପ୍ତି ଆକ୍ଟିଂରେ ଡିଗ୍ରୀ ହାସଲ କରିଛନ୍ତି। ତଥାପି ବଡ ପରଦାରେ ଅଭିନୟ କରିବାକୁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ପ୍ରଥମେ ତାଙ୍କୁ 'ରେସ୍ ୨' ଏବଂ 'ୟମଲା ପାଗଲା ଦିୱାନା ୨'ରେ ଜଣେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ଦେଖିବାକୁ ମିଳିଥିଲା। ପରେ 'ଲୈଲା ମଜ୍ନୁ' ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କଲା। ଏହି ଫିଲ୍ମର ଏକ ଗୀତ 'ଓ ମେରି ଲୈଲା' ତାଙ୍କ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଏହାର ଲୈଲା ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ଏହାବାଦ ଓଟିଟି ପ୍ଲାଟଫର୍ମ ପାଇଁ ପ୍ରସ୍ତୁତ କେତୋଟି ସିନେମାରେ ଅଭିନୟ କରି ସେ ନିଜ ଅଭିନୟର ଦକ୍ଷତାକୁ ପ୍ରମାଣ କରିସାରିଛନ୍ତି। ୨୦୨୩ରେ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ଆନିମଲ୍' ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ବର୍ତ୍ତମାନ ସେ 'ଓ ରୋମିଓ', 'ମା ବେହନ' ଏବଂ ତେଲୁଗୁ ଫିଲ୍ମ 'ସ୍ପିରିଟ୍'ରେ ଅଭିନୟ କରୁଛନ୍ତି।

ତ୍ରିପ୍ତି



# ବାପାଙ୍କ ହାତରେ ଦେଇ ପାଇଥିଲି ସ୍ୱର୍ଗୀୟ ଅନୁଭୂତି'

## ପ୍ରଥମ ରୋଜଗାର



କବି, ପ୍ରାବନ୍ଧିକ ଓ ଶିକ୍ଷୟିତ୍ରୀ ରଶ୍ମିରେଖା ବେହେରା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ଏକ ମଧ୍ୟବିତ୍ତ ଯୌଥ ପରିବାରରେ । ସେତେବେଳେ ମୋ ବାପା, ଆମ ଗାଁର ପ୍ରଥମ ସରକାରୀ ଚାକିରିଆ । ଆମ ଗାଁ ନଦୀକୂଳିଆ ଗାଁ । ଧାନ,ମୁଗ, ବିରି, କୋଳଥ ସହିତ ପନିପରିବା ଚାଷ ହୁଏ । ବାପା ଚାକିରି କରିଥିବା ଯୋଗୁ ସବୁ ଦାୟିତ୍ୱ ତାଙ୍କ ଉପରେ ରହିଥାଏ । ଗାଁରେ ଦାଦାଙ୍କ ପରିବାର ରହିଥିଲେ ମଧ୍ୟ ତାଙ୍କର ଦାୟିତ୍ୱ ବାପା ହିଁ ତୁଲାଉ ଥାନ୍ତି । ଆମେ ପାଞ୍ଚ ଭାଇଭଉଣୀ, ଜେଜେମା, ଜେଜେ, ସାନଦାଦାଙ୍କ ସହିତ ଭୁବନେଶ୍ୱରଠାରୁ ଅଳ୍ପ ଦୂରରେ ବାପାଙ୍କୁ ମିଳିଥିବା ସରକାରୀ ବାସଭବନରେ ରହୁଥିଲୁ । ବାପାଙ୍କୁ ଦେଖି ଭାବେ, ବାପା ଏକା ଏକା ଏତେ ସମସ୍ତଙ୍କ ଦାୟିତ୍ୱ କିପରି ସୁରୁଖୁରୁରେ ତୁଲାଉଛନ୍ତି ? ଯେହେତୁ ଆମେ ଚାରି ଭଉଣୀ,ଜେଜେମା ଆମକୁ ସବୁବେଳେ ତାଗିଦ କରୁଥାଏ, କିଛି ଅନାବଶ୍ୟକ ଖର୍ଚ୍ଚ ଯେପରି ଆମେ ନ କରୁ । କାରଣ ବାପା ଗୋଟିଏ ଲୋକ ଆମ ସମସ୍ତଙ୍କୁ ଚଳେଇ, ବାହାସାହା ମଧ୍ୟ କରିବେ । ଗାଁରେ ଦୁଇ ପିଉସୀ ଆଉ ଦାଦାଙ୍କ ବିଭାଘର ମଧ୍ୟ ବାପାଙ୍କ ଦାୟିତ୍ୱ ଥିଲା । ଆମ ଚାରିଭଉଣୀଙ୍କ ଉଚ୍ଚ ଶିକ୍ଷାଦୀକ୍ଷା ପାଇଁ ସବୁବେଳେ ବାପା ତାଗିଦ କରିବା ସହିତ ପ୍ରେରଣା ଦେଉଥାନ୍ତି । ମୁଁ ସରକାରୀ ବାଳିକା ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବିଜେବି କଲେଜରୁ ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମୋର ସ୍ନାତକୋତ୍ତର ପାଠ ଶେଷ କରିଥିଲି । ମୁଁ ଯେତେବେଳେ ବିଦ୍ୟାଳୟରେ ପଢୁଥିଲି, ମୋର ଶିକ୍ଷୟିତ୍ରୀମାନଙ୍କୁ ଦେଖି ମୋର ବି ମନରେ ଶିକ୍ଷାଦାନ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ତା' ପରେ ଏକ ବେସରକାରୀ ଅନୁଷ୍ଠାନରୁ ନର୍ସରୀ ଟିଚର୍ସ ଟ୍ରେନିଂ ନେଇଥିଲି । ସୁସ୍ଥ ମଣିଷ ସମାଜ ଗଠନରେ ଗୁରୁ ବା ଶିକ୍ଷକଙ୍କ ଅବଦାନ ଯେ ଅତୁଳନୀୟ ଏହାକୁ ମୋ ହୃଦୟ ବେଶ୍ ଭଲ ଭାବରେ ଆପଣେଇ ନେଇଥିଲା । ନର୍ସରୀ ଟିଚର୍ସ ଟ୍ରେନିଂ ପରେ ପରେ ହିଁ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଚିଠିଟିଏ ଆସିଥିଲା । ଆମ ଘରଠାରୁ ପ୍ରାୟ ପନ୍ଦର କିଲୋମିଟର ଦୂରରେ ଥିବା ଏକ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ ମୋର ସିଲେକ୍ସନ ହୋଇଥିଲା । ସେହି ସ୍କୁଲ ମୋ ପାଇଁ ଏକ ଅନୁଷ୍ଠାନ ନୁହେଁ, ଏକ ମନ୍ଦିର ବୋଲି ମୁଁ ଭାବି ନେଇଥିଲି । ଗୋଟେ ମାସ ଭିତରେ ଅନେକ ଅନୁଭବ ମୁଁ ସାଉଣ୍ଟୁଥାଏ । ପ୍ରତି ମୁହୂର୍ତ୍ତରେ ମୁଁ ଶିଖୁଥାଏ । ମାସ ଶେଷରେ ଯେଉଁ ଅର୍ଥରାଶି ମୋତେ ମିଳିଥିଲା, ସେହି ଆନନ୍ଦର ମୁହୂର୍ତ୍ତ ଅବର୍ଣ୍ଣନୀୟ । ମୁଁ ପ୍ରଥମେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସେଇ ସ୍କୁଲ ଅଫିସରେ ମୋ ରୋଜଗାରକୁ ମଥାରେ ଲଗାଇ ଥିଲି । ଘରେ ପହଞ୍ଚି ମୁଁ ତାକୁ ବାପାଙ୍କୁ ଦେଇ ପ୍ରଣାମ କରିଥିଲି । ଭାବିଥିଲି ଏହି ସାମାନ୍ୟ ଅର୍ଥ ବାପାଙ୍କୁ ତାଙ୍କର ଘର ଚଳେଇବାକୁ କିଛିମାତ୍ରାରେ ସାହାଯ୍ୟ କରିବ । ବାପା ସେହି ଅର୍ଥରାଶିକୁ ଦେଖି ପଚାରିଥିଲେ 'ତୁ ଟଙ୍କା କେଉଁଠୁ ଆଣିଲୁ', ଆଉ ମୋତେ କାହିଁକି ଦେଉଛୁ' ? ମୁଁ କୋହଭରା କଣ୍ଠରେ ବାପାଙ୍କୁ କହିଥିଲି 'ବାପା ଏଇଟା ମୋର ପ୍ରଥମ ଦରମା '। ଆଉ ବାପା ହସିହସି ମୋ ମୁଣ୍ଡ ସାଉଁଳେଇ ଦେଇ କହିଲେ,'ହଉହଉ', ଯା' ଗାଁ ମହାଦେବ ମନ୍ଦିରରେ ଭୋଗ ଲଗେଇ ଦେବୁ । ଏବେ ମୁଁ ଶିକ୍ଷକତା ସହ କବିତା, ପ୍ରବନ୍ଧ ଓ ସମାଲୋଚନାଧର୍ମୀ ଲେଖାସବୁ ଲେଖୁଛି ; ଯାହା ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଛି । ଯା ଭିତରେ ମୋର ୩ଖଣ୍ଡ କବିତା ପୁସ୍ତକ ମଧ୍ୟ ପ୍ରକାଶ ପାଇସାରିଛି । ଯା ଭିତରେ ଅନେକ ରୋଜଗାର ତ କରିଛି ହେଲେ ମୋର ସେ ପ୍ରଥମ ରୋଜଗାର ନିଶ୍ଚିତ ରୂପେ ମୋ ପାଇଁ ଏକ ଚିର ସ୍ମରଣୀୟ ସ୍ୱର୍ଗୀୟ ଅନୁଭୂତି ।

## ସାଥୀ

# ଏପଟେ ରୁଷାକୁ ସେପଟେ ହସ, ତହିଁରୁ ଝରୁଛି ପ୍ରେମର ରସ



**ପ୍ରଶ୍ନ–**ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି । ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନି । କ'ଣ କରିବି ? *–ତନ୍ମୟ ରାଉତ, ବ୍ରହ୍ମପୁର*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ । ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! 'ଏପଟେ ରୁଷାକୁ ସେପଟେ ହସ, ତହିଁରୁ ଝରୁଛି ପ୍ରେମରୁ ରସ' । ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ । ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି ।

**ପ୍ରଶ୍ନ–** ଲାଜୁଆ ହସରେ କ'ଣ ସତରେ ପ୍ରେମ ଭରି ରହିଛି ? *–ଜନ୍ମେଜୟ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ଅନେକ କଥା ହସରେ ହିଁ ଲୁଚି ରହିଥାଏ । ବଡ ଅଜବ ସେ ହସ । କେତେବେଳେ ରସଗୋଲା ପରି ମିଠା ତ କେତେବେଳେ ହଳାହଳ ବିଷ । ତେଣୁ ସେହି ହସକୁ ଭଲ ଭାବରେ ପ୍ରଥମେ ପରଖି ନିଅନ୍ତୁ । ନହେଲେ ସେହି ହସରେ ବାୟା ହୋଇ ଧାଇଁବେ ସିନା ହେଲେ ଫଳ କିଛି ମିଳି ନ ପାରେ । ଯଦି ହସରେ ପ୍ରକୃତରେ ପ୍ରେମର ପୁଲକ ଲୁଚି ରହିଛି ତେବେ ତାକୁ ଆଧାର କରି ଆଗାନ୍ତୁ । ଯଦି ପାଣିପାଗ ଠିକ୍ ରହିଲା ତେବେ ବାଜି ମାରିନେବେ ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? *–ବିସ୍ମୟ ବହିଦାର, ରେଢ଼ାଖୋଲ*


**ଉତ୍ତର:**ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି । ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର । ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ । ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ । ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ । ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି । ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି । ହେଲେ କହିପାରୁନି କାହିଁକି ? *–ପ୍ରମୋଦ କୁମାର, ଢେଙ୍କାନାଳ*

**ଉତ୍ତର:**ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି । ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ । ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା । ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ । ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି । ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ । କ'ଣ କରିବି ? *–ତପନ ନନ୍ଦ, ଜଗତସିଂହପୁର*

**ଉତ୍ତର:**ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ । ହେଲେ ଆପଣଙ୍କ ପ୍ରେମିକା ମଜଗରେ ସେକଥା ପଶିବା ଦରକାର । ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି । ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ । ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡିକୁ ସେ ପଢ଼ିବାକୁ ଚେଷ୍ଟା କରିବେ ।


ଶାହଜାହାନ କାର୍ଡ

# ଦାମୀ ଛୁରି


ଜେମ୍ ଅଫ୍ ଦି ଓରିଏଣ୍ଟ

**ଛୁରି କେବେ ସୁରକ୍ଷା ଦିଏ ତ କେବେ ଘରକରଣା କାମରେ ଲାଗେ। ତେବେ କିଛି ଛୁରି ପାଖରେ ଥିଲେ ଷ୍ଟାଟସ୍ ବଢ଼ିଯାଏ। କାରଣ ଏହାର ମୂଲ୍ୟ ଏତେ ଯେ ଏହାକୁ ପାଇବା ସାତସପନ। କାରଣ ଏସବୁ ହେଉଛି ପୃଥିବୀର ସବୁଠାରୁ ଦାମୀ ଛୁରି...**

**ଶାହଜାହାନ କାର୍ଡ (୩.୩୭୫ ମିଲିୟନ ଡଲାର):** ଦୁନିଆର ସବୁଠାରୁ ଦାମୀ ଛୁରି ହେଉଛି ୧୭ଶ ଶତାବ୍ଦୀର ଏହି 'ଶାହଜାହାନ କାର୍ଡ' ଛୁରି। ଏହାର ମୂଲ୍ୟ ପ୍ରାୟ ୩.୩୭୫ ମିଲିୟନ ଡଲାର ବା ୨୮ କୋଟି ଟଙ୍କାରୁ ଅଧିକ। ଏହା ମୋଗଲ ଯୁଗର ଏକ ଐତିହାସିକ ଛୁରି, ଯାହାର ବେଣ୍ଟ ଧଳା ପଥର ଜେଡ୍‌ରେ ନିର୍ମିତ ଏବଂ ବ୍ଲେଡ୍‌ରେ ରହିଛି ସୁନାର କାରୁକାର୍ଯ୍ୟ। ଶାହଜାହାନଙ୍କର ଏହା ଥିଲା ବ୍ୟକ୍ତିଗତ ଛୁରି। ଯୁଦ୍ଧ ସମୟରେ ସେ ଏହାକୁ ବ୍ୟବହାର କରୁଥିଲେ। ୨୦୦୮,ବୋନହାମରେ ଏହା ୩.୩୭୫ ମିଲିୟନ ଡଲାରରେ ବିକ୍ରି ହୋଇଥିଲା।

**ଜେମ୍ ଅଫ୍ ଦି ଓରିଏଣ୍ଟ (୨.୧ ମିଲିୟନ ଡଲାର):** ଦ୍ୱିତୀୟ ଦାମୀ ଛୁରି ଭାବେ 'ଦି ଜେମ୍ ଅଫ୍ ଦି ଓରିଏଣ୍ଟ' ପରିଚିତ। ଏହି ଛୁରିକୁ ଦେଖିଲେ ଲାଗେ ସତେ ଯେମିତି ଏହା ବହୁ ପୁରୁଣା କାଳର କୌଣସି ରାଜା ମହାରାଜାଙ୍କର ହୋଇଥିବ, କିନ୍ତୁ ପ୍ରକୃତରେ ତାହା ନୁହେଁ। ଏହି ବହୁମୂଲ୍ୟ ଛୁରିକୁ ଆମେରିକାର ନେଭାଡା ଅନ୍ତର୍ଗତ କିମ୍ବର୍ଲିର କଷ୍ଟମ ଛୁରି ନିର୍ମାତା ବଷ୍ଟର ୱାରେନସ୍କି ତିଆରି କରିଥିଲେ। ଏହି ଛୁରିରେ ମୋଟ ୧୦ କ୍ୟାରେଟ୍‌ର ୧୫୩ଟି ପାନ୍ନା ବା ଇମେରାଲ୍ଡ ଏବଂ ୫ କ୍ୟାରେଟ୍ ଓଜନର ୯ଟି ହୀରା ଖଚିତ ହୋଇଛି। ଏହାର ବେଣ୍ଟ ଉପରେ ଏକ ଚମତ୍କାର ଜାଲି କାମ କରାଯାଇଛି। ଯାହାକୁ ସମ୍ପୂର୍ଣ୍ଣ କରିବା ପାଇଁ ୱାରେନସ୍କିଙ୍କୁ ପୂରା ୧୦ ବର୍ଷ ସମୟ ଲାଗିଥିଲା ଏବଂ ଏହା ୨.୧ ମିଲିୟନ ଡଲାରରେ ବିକ୍ରି ହୋଇଥିଲା।

**କାରାମ୍ବିଟ ବ୍ଲୁ ଜେମ୍ (୧.୫ ମିଲିୟନ ଡଲାରରୁ ଅଧିକ):** ଏହାର ଆନୁମାନିକ ବଜାର ମୂଲ୍ୟ ୧.୫ ମିଲିୟନରୁ ୨ ମିଲିୟନ ଡଲାର ବା ପ୍ରାୟ ୧୨ ରୁ ୧୬ କୋଟି ଟଙ୍କା ମଧ୍ୟରେ ରହିଛି। ତେବେ ଆଶ୍ଚର୍ଯ୍ୟର କଥା ଏହା CS2 ଗେମ୍‌ର ଏକ ଭର୍ଚୁଆଲ ଛୁରି। ସେପ୍ଟେମ୍ବର ୨୦୨୧ରେ ଏହି ଛୁରି ପାଇଁ ୧.୨ ମିଲିୟନ ୟୁରୋର ଏକ ଅଫର, ଗେମିଂ ଜଗତରେ ହଇଚଇ ସୃଷ୍ଟି କରିଥିଲା। ବର୍ତ୍ତମାନ ଏହି ଛୁରିଟି ଜଣେ ଚାଇନା ସଂଗ୍ରହକାରୀଙ୍କ ମାଲିକାନାରେ ଅଛି।

**ଇଗଲ ହେଡ୍ ଆଣ୍ଟିକ୍ ଛୁରି (୪,୧୪,୦୦୦ ଡଲାର):** ଟେଡି ରୁଜ୍‌ଭେଲ୍ଟଙ୍କୁ ଉପହାର ସ୍ୱରୂପ ଦିଆଯାଇଥିବା ଏହା ଏକ ଐତିହାସିକ ରତ୍ନଖଚିତ ଛୁରି। ଏହି ଛୁରିରେ ଥିବା ଇଗଲ ହେଡ୍‌ଟି ଖାଣ୍ଟି ସୁନାରେ ତିଆରି। ଇଗଲର ଆଖିଗୁଡ଼ିକ ଗାର୍ନେଟ ବା ରକ୍ତମଣି ପଥରରେ ତିଆରି। ଇଗଲ ମୁଣ୍ଡ ତଳେ ଥିବା ବେଣ୍ଟର ଗୋଟିଏ ପାର୍ଶ୍ୱରେ ଏକ ଜଙ୍ଗଲର ଦୃଶ୍ୟ ଚିତ୍ରିତ ହୋଇଛି, ଯେଉଁଥିରେ ଏକ ଗଛ ପଛରେ ୨ଜଣ ପୁରୁଷ ଅଛନ୍ତି ; ସେମାନଙ୍କ ମଧ୍ୟରୁ ଜଣେ ହାତରେ ରାଇଫଲ ଧରି ଛିଡ଼ାହୋଇଥିବା ବେଳେ ଅନ୍ୟ ଜଣକ ଆଣ୍ଠୁ ମାଡ଼ି ବସିଛନ୍ତି। ପ୍ଲାଟିନମ ବ୍ୟାକ୍‌ଗ୍ରାଉଣ୍ଡ ଉପରେ ସୁନାରେ ଏହି ଗଛଟି ନିର୍ମିତ। ଅପରପାର୍ଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତୀକ ରହିଛି, ଯାହା ଏକ ' ୱିସ୍‌ବୋନ୍' ଏବଂ ସୁନାରେ ଗୁଡ଼ାଯାଇଥିବା ଗଛର ଡାଳ ଉପରେ ଶୋଭାପାଉଛି। ଏହାର ଠିକ୍ ତଳେ 'T.R.' ଅକ୍ଷର ଖୋଦିତ ହୋଇଛି। ବେଣ୍ଟରୁ ବାହାରିଥିବା ଦୁଇଟି ଭାଲୁ ମୁଣ୍ଡ ବ୍ଲେଡ୍‌ର ମୂଳ ଭାଗରେ ସୁରକ୍ଷାକବଚ ସଦୃଶ ଅଛି, ଯେଉଁଥିରେ ଖୋଦିତ ହୋଇଛି – 'ଜେମ୍ସ ଡବ୍ଲ୍ୟୁ. ଗେରାର୍ଡଙ୍କ ଦ୍ୱାରା ତାଙ୍କ ବନ୍ଧୁ ଥିଓଡୋର ରୁଜ୍‌ଭେଲ୍ଟଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି।'

**ନେସ୍‌ମୁକ୍ ଜହରୁଣ୍ଡର୍ଟ ମେସର ଛୁରି(୯୮,୯୩୪ ଡଲାର):** ଏହି ଛୁରି ହେଉଛି ଜର୍ମାନୀର ପ୍ରସିଦ୍ଧ ଛୁରି ନିର୍ମାତା 'ନେସ୍‌ମୁକ୍'ଙ୍କର ଏକ ଅଦ୍ଭୁତ କୃତି, ଯାହାକୁ ବିଶ୍ୱର ସବୁଠାରୁ ମହଙ୍ଗା ରୋଷେଇ ଛୁରି ବୋଲି କୁହାଯାଏ। ଏହାର ମୂଲ୍ୟ ପ୍ରାୟ ୯୮,୯୩୪ ଡଲାର ବା ପ୍ରାୟ ୮୨ ଲକ୍ଷ ଟଙ୍କା। ଏହାର ବ୍ଲେଡ୍‌ଟି ୬୪୦ ସ୍ତରର ଡାମାସ୍କସ୍ ଷ୍ଟିଲ୍‌ରେ ତିଆରି। ଏହାର ଧାରକୁ ଅତି ଉନ୍ନତମାନର କାର୍ବନ ଷ୍ଟିଲ୍‌ରେ ପ୍ରସ୍ତୁତ କରାଯାଇଛି। ଏହି ଛୁରିର ବେଣ୍ଟକୁ ୫୦୦୦ ବର୍ଷ ପୁରୁଣା 'ବଗ୍ ଓକ୍' କାଠରେ ତିଆରି କରାଯାଇଛି। ଏହି ବିଳାସପୂର୍ଣ୍ଣ ଛୁରିକୁ ଏକ ପ୍ଲାଟିନମ୍ କୋଲାର ସେଟ୍ ସହ ସଜାଯାଇଛି, ଯେଉଁଥିରେ ୨୫ଟି ଚମକଦାର ହୀରା ଖଞ୍ଜାଯାଇଛି।

**ମାଇକେଲ ୱାକର ବ୍ଲୁ ଡାମାସ୍କସ୍ ଫୋଲ୍ଡର (୬୫,୦୦୦ଡଲାର):**ଏହା ଏକ ପ୍ରିମିୟମ କଷ୍ଟମ ଫୋଲ୍ଡିଂ ଛୁରି, ଯେଉଁଥିରେ ଅତି ସୂକ୍ଷ୍ମ ଓ କଳାତ୍ମକ ଡାମାସ୍କସ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ଏହାର ବେଣ୍ଟକୁ ଟାଇଟାନିୟମର ଅତି ସୂକ୍ଷ୍ମ ମସୃଣ ଫିନିଶ୍ ସହ ନିର୍ମାଣ କରାଯାଇଛି।

**ନେସ୍‌ମୁକ୍ ଡାଇମଣ୍ଡ ଷ୍ଟଡେଡ୍ ଛୁରି(୩୯,୬୦୦ ଡଲାର):** ଅଳଙ୍କାର ଡିଜାଇନର କ୍ୱିଷ୍ଟିନ ନେଲ୍ ଏବଂ ହୋଫ୍‌ମ୍ୟାନ୍ ପାଇପରଙ୍କ ଦ୍ୱାରା ନିର୍ମିତ ଏହି ଛୁରିର ମୂଲ୍ୟ ପ୍ରାୟ ୩୯,୬୦୦ ଡଲାର ବା ପ୍ରାୟ ୩୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ। ଏହାର ବ୍ଲେଡ୍ କାର୍ବନ ଷ୍ଟିଲ୍‌ରେ ତିଆରି। ଏହାର ବେଣ୍ଟ ଷ୍ଟର୍ଲିଂ ସିଲ୍‌ଭରରେ ନିର୍ମିତ ହେବା ସହ ଏଥିରେ ୮ଟି ହୀରା ଖଞ୍ଜାଯାଇଛି। ଏହି ଛୁରିଟି ଏକ ସୁନ୍ଦର ବାକ୍ସରେ ମିଳିଥାଏ ଏବଂ ଏହା ସହ ଏକ ସମାନ ଡିଜାଇନର ହୀରା ମୁଦି ମଧ୍ୟ ଉପହାର ସ୍ୱରୂପ ଦିଆଯାଏ।


ନେସ୍‌ମୁକ୍ ଜହରୁଣ୍ଡର୍ଟ ମେସର ଛୁରି



କାରାମ୍ବିଟ ବ୍ଲୁ ଜେମ୍


ମାଇକେଲ ୱାକର ବ୍ଲୁ ଡାମାସ୍କସ୍ ଫୋଲ୍ଡର



ନେସ୍‌ମୁକ୍ ଡାଇମଣ୍ଡ ଷ୍ଟଡେଡ୍ ଛୁରି




ଇଗଲ ହେଡ୍ ଆଣ୍ଟିକ୍ ଛୁରି

# ଗଡ଼ ବଳଭଦ୍ରପୁର





**ଶୋ**ଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଉପକୂଳ ଓଡ଼ିଶାରେ ଯେଉଁ କେତୋଟି ଗଡ଼ଜାତ ଅଞ୍ଚଳ ଥିଲା, ସେଥିମଧ୍ୟରେ ଖୋରଧାଗଡ଼ ଅନ୍ୟତମ। ଏହି ଗଡ଼ ଅଧୀନରେ ଥିଲା ଗଡ଼ ବଳଭଦ୍ରପୁର। ଖୋରଧା ରାଜା ରାମଚନ୍ଦ୍ରଦେବ (୧)ଙ୍କ ସମୟରେ ଖୋର୍ଦ୍ଧା ରାଇଜ ଅଧୀନରେ ରହିଥିଲା ବଳଭଦ୍ର ପ୍ରସାଦ, ଯାହା ବଳଭଦ୍ରପୁର ନାମରେ ପରିଚିତ। ଇଂରେଜ କମିଶନର ଷ୍ଟାର୍ଲିଂ ସାହେବ ପାର୍ସିଭାଷାରେ ଲେଖାହୋଇଥିବା ପ୍ରାଚୀନ ନଥିପତ୍ରରୁ ଉଦ୍ଧାର କରି ଏହି ସବୁ ତଥ୍ୟ ଲିପିବଦ୍ଧ କରିଛନ୍ତି ବୋଲି ଐତିହାସିକ କେଦାରନାଥ ମହାପାତ୍ର ଲେଖିଛନ୍ତି। ଗଡ଼ ବଳଭଦ୍ରପୁରର ପୂର୍ବଦିଗରେ ଦୟାନଦୀ, ଦକ୍ଷିଣ-ପଶ୍ଚିମରେ ମନ୍ଦାକିନୀ ବା ମଲାଗୁଣୀ, ଉତ୍ତର-ପଶ୍ଚିମରେ ରାଜୁଆନଦୀର ଦୁଇଧାର ପ୍ରବାହିତ। ଏହି ଗଡ଼ର ଉତ୍ତର ଦିଗରେ ଖାଲୁଆ ପାଟଜମି ଥିବାରୁ ଉତ୍ତର-ପଶ୍ଚିମଦିଗରେ ଦୁର୍ଗପ୍ରତି ଶତ୍ରୁ ଆକ୍ରମଣ ଆଶଙ୍କା ଦୂର ପାଇଁ ଏଠାରୁ ଏକମାଇଲି ଉତ୍ତରକୁ ଦୟାନଦୀ କୂଳରେ ଦୋହରାବସ୍ତି ସ୍ଥାପନ କରାଯାଇଥିଲା। ଯାହା ଏବେ 'ଦୋକନ୍ଦା' ନାମରେ ପରିଚିତ। ଦୋକନ୍ଦା ଗ୍ରାମଟି ବଳଭଦ୍ରପୁର ଗଡ଼ର ଏକ ଦୋହରା ବସ୍ତି ବା ଦ୍ୱିତୀୟଖଣ୍ଡ ଗଡ଼। ଏଠାରେ ଅନେକ ସମୟରେ ରାଜା ବା ରାଜାଙ୍କର ଦେୱାନ ଅବସ୍ଥାନ କରୁଥିଲେ। ବଳଭଦ୍ରପୁର ଜିଲାର କୋଷାଗାର ଏବଂ ଖମାର ଘର ଏଠାରେ ଥିବାରୁ ଏହି ଗଡ଼ର ନିରାପତ୍ତା ନିମନ୍ତେ ଅଧିକ ସର୍ତ୍ତକତା ଅବଲମ୍ବନ କରାଯାଉଥିଲା। ଅତୀତରେ ବଳଭଦ୍ରପୁର ଜିଲା ଅଧୀନରେ ୩୪ଗୋଟି ମୌଜା ବା ରାଜସ୍ୱ ଗ୍ରାମଥିଲା। ସେଗୁଡ଼ିକ ହେଲା- ବଳଭଦ୍ରପୁର, ଦୋକନ୍ଦା, କଣାସ, ସହନା, ଚାନ୍ଦପଡ଼ା, ଡିମିରି, ଗଡ଼ସାହି, ବାଇଁଗଣତଳି, ଗୋମୁଣ୍ଡା, ମାହାଲୋ, ବୋତଳମା, ଓସ୍ତପାରି, ବାଲିପାଟଣା, କଉଡ଼ିଆପୁର, ଚୁପୁରିଙ୍ଗି, ପାହିଲୁଣ୍ଡି, କାଳିଘଡ଼ି, ବସନ୍ତପୁର, ଦୁ-ପୁରୁ, ଗଡ଼ିଶାଗୋଦା, ବାହାରକୁଦା, ଶିରିପୁର, କଳାପଦର, ଗୋପୀନାଥପୁର, ପାଇକମରା, ଲୁଣିଆପଦର, ସିଂଘାକୁଦା ଓ ଜିପୁର। ଉଲ୍ଲେଖଯୋଗ୍ୟ, ଇଂରେଜଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ଜିଲା ଓ ସବଡିଭିଜନ ଗଠନ କାଳରେ ବଳଭଦ୍ରପୁର ଖୋର୍ଦ୍ଧା ଜିଲା ଅଧୀନରେ ଥିଲେ ହେଁ ଏହାକୁ ଖୋର୍ଦ୍ଧା ସବ୍‌ଡିଭିଜନରେ ସାମିଲ କରା ନ ଯାଇ ପୁରୀ ସଦର ସବ୍‌ଡିଭିଜନରେ ରଖାଯିବାର କାରଣ ଏହାର ଜଟିଳ ଭୌଗୋଳିକ ଅବସ୍ଥିତି। ବଳଭଦ୍ରପୁର ଓ ସିରାଇଗ୍ରାମ ଦୟାନଦୀର ଉଭୟ ପାର୍ଶ୍ୱରେ ମାତ୍ର ୪ ମାଇଲି ବ୍ୟବଧାନରେ ଅବସ୍ଥିତ। କିନ୍ତୁ ସିରାଇ ପ୍ରଗଣାର ଗ୍ରାମଗୁଡ଼ିକ ଦୟାନଦୀର ପଶ୍ଚିମରେ କାଇପଦର ରେଳଷ୍ଟେସନଠାରୁ ପାଖାପାଖି ଭୂଷଣ୍ଡପୁର ରେଳଷ୍ଟେସନ ପର୍ଯ୍ୟନ୍ତ ବ୍ୟାପ୍ତ ଥିବାବେଳେ ବଳଭଦ୍ରପୁର ଜିଲାର କେତେକ ଗ୍ରାମ ଦୟାନଦୀର ପୂର୍ବରେ ଏପରି କି ଲୁଣାନଦୀର ପୂର୍ବ ପାଖରେ ବିଚ୍ଛିନ୍ନ ହୋଇ ରହିଥିଲା। ତେଣୁ ସିରାଇ ପ୍ରଗଣା ଓ ବଳଭଦ୍ରପୁର ଜିଲା ମଧ୍ୟରେ କୌଣସି ପ୍ରକାର ପ୍ରଶାସନିକ ସୀମା ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଫଳରେ ବଳଭଦ୍ରପୁରକୁ ପୁରୀ ସଦର ସବ୍‌ଡିଭିଜନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସୁତରାଂ ଆଇନ ଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ରାସ୍ତାଘାଟ ଇତ୍ୟାଦି ସମସ୍ତ ପ୍ରଶାସନିକ ବିଭାଗର ନିୟନ୍ତ୍ରଣ ବ୍ୟବସ୍ଥା ପୁରୀ ସଦର ସବ୍‌ଡିଭିଜନ ଅନ୍ତର୍ଭୁକ୍ତ ଥାଇ ମଧ୍ୟ ଉଲ୍ଲିଖିତ ୩୪ଗୋଟି ମୌଜାର କେବଳ ରାଜସ୍ୱ ବିଭାଗ ନିୟନ୍ତ୍ରଣ ବ୍ୟବସ୍ଥା ଖୋର୍ଦ୍ଧା ସବ୍‌ଡିଭିଜନ ତଥା ବାଣପୁର ତହସିଲର ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ମାଦଳା ପାଞ୍ଜିରୁ ଦୁଇଟି ବଳଭଦ୍ରପୁର ନାମ ମିଳେ। ପ୍ରଥମ ବଳଭଦ୍ରପୁର ଗ୍ରାମ ବସାଇଥିଲେ ଗଙ୍ଗବଂଶର ରାଜା ଅନଙ୍ଗଭୀମଦେବ। ସେହିପରି ଭୋଇବଂଶର ରାଜା ବଳଭଦ୍ରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଶାସନ ବୀର ବଳଭଦ୍ରପୁର ନାମରେ ପୁରୀ ନିକଟରେ ଅଦ୍ୟାବଧି ରହିଛି। କିମ୍ବଦନ୍ତୀ ଅଛି ଯେ, ରାଜା ବଳଭଦ୍ର ଦେବଙ୍କ ନାମ ଅନୁସାରେ ବଳଭଦ୍ରପୁର ନାମକରଣ କରାଯାଇଥିଲା। ଗଡ଼ବଳଭଦ୍ରପୁରରେ ଖୋର୍ଦ୍ଧା ରାଜାଙ୍କ ଖମାର ଥିଲା। ଖୋରଧା ରାଜା ଏଠାରେ ସାମୟିକଭାବରେ ଅବସ୍ଥାନ କରୁଥିଲେ। ୧୮୧୭ରେ ଖୋର୍ଦ୍ଧା ପାଇକ ବିଦ୍ରୋହ ସମୟରେ ଗଡ଼ର ଅଧିଷ୍ଠାତ୍ରୀ ଦେବୀ କୁଞ୍ଜେଶ୍ୱରୀ ଠାକୁରାଣୀକୁ ଏଠାରୁ ନେଇ କଣାସର କୃଷ୍ଣ ନଗରରେ ରଖାଇବାପରେ ନିଜେ ଗଡ ତ୍ୟାଗ କରି ପଳାଇଥିଲେ। ସମ୍ପ୍ରତି ଗଡ଼ବଳଭଦ୍ରପୁର ଗାଁରେ ରାଜପ୍ରତିଷ୍ଠିତ ଠାକୁର ଗୋପୀନାଥ ଦେବଙ୍କ ମନ୍ଦିର ରହିଛି। ଠାକୁରଙ୍କ ପଞ୍ଚଦୋଳ ମେଳଣର ଏହି ଗୋପୀନାଥଦେବ ଥାନପତି। ଏହି ଗଡ଼ରେ ଗଡ଼ ସାହି ରହିଛି। ଏହି ଗଡ଼ରେ ବିନ୍ଧ୍ୟଗିରି ପୂଜା ପାଆନ୍ତି। ଖୁରୁଧା ଦର୍ପଣରେ ବଳଭଦ୍ରପୁର ଜିଲା ସମ୍ପର୍କରେ ଉଲ୍ଲେଖ ରହିଛି। ବଳଭଦ୍ରପୁର ମୌଜାରେ ପୁରୁଣା ରେକର୍ଡ ୧୨୬ଖାତା ମାଲିକନା ସ୍ୱତ୍ୱ ଶ୍ରୀରାମଚନ୍ଦ୍ର ଦେବ ମହାରାଜାଙ୍କ ପିତା ମୁକୁନ୍ଦ ଦେବ ମହାରାଜା, ଜାତି କ୍ଷତ୍ରିୟ, ସା- ପୁରୀଙ୍କ ନାମରେ ଚାନ୍ଦିନୀ ରହିଛି। ଗଡ଼ ବଳଭଦ୍ରପୁରର ଗୋଟିଏ ସ୍ଥାନରେ ମାଟିତଳେ ପ୍ରାଚୀନ ଗଡ଼ର ସ୍ମାରକୀ ଭାବେ ହାତୀବନ୍ଧ ଖମ୍ବ,ଏକ ଶକ୍ତ ପଥର କାନ୍ଥ ଭଗ୍ନାବଶେଷ ଦେଖିବାକୁ ମିଳେ। ଏହି ଗଡ଼ର ତିନିପାଖରେ ନଦୀଥିବାରୁ ଏହି ଗଡ଼ ନଦୀ ପରିବେଷ୍ଟିତ ଏକ ପ୍ରାଚୀନ ଦୁର୍ଗ। ଏହି ଗଡ଼ର ନୌବାଣିଜ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଥିଲା। ଏହି ଗଡ଼ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

*-ବନବିହାରୀ ବେହେରା, ବିଭୂତି ଭୂଷଣ ତ୍ରିପାଠୀ*





## ହାଃ ହାଃ

### ଧନୀ

ମୁନୁ ବାପାଙ୍କୁ: ବାପା କାଲିଠୁ ଆମେ ଧନୀ ହେଇଯିବା।
ବାପା: କେମିତି ?
ମୁନୁ: କାଲି ଶିକ୍ଷକ ଆମକୁ ପଇସାକୁ କେମିତି ଟଙ୍କାରେ ବଦଳେଇ ହେବ ଶିଖେଇବେ।

### ପ୍ଲାଷ୍ଟିକ ସର୍ଜରୀ

ଗୋପୀ ଡାକ୍ତରଙ୍କୁ: ଆଜ୍ଞା, ପ୍ଲାଷ୍ଟିକ ସର୍ଜରୀ କରାଇବା ଲାଗି କେତେଟଙ୍କା ଖର୍ଚ୍ଚ ହେବ ?
ଡାକ୍ତର: ୭୦ ହଜାର ଟଙ୍କା।
ଗୋପୀ: ମୋ ପାଖରେ ତ ଏତେ ଟଙ୍କା ନାହିଁ, ମୁଁ ଯଦି ପ୍ଲାଷ୍ଟିକ ତକ ଦେଇଦେବି ତା'ହେଲେ କେତେ ଲାଗିବ ?
ଡାକ୍ତର: ମତେ ଦେବ କାହିଁକି ? ନିଜେ ତରଳେଇକି ଲଗେଇଦେବ।

### ଅନ୍ତର

ରାମୁ ମଣ୍ଟୁକୁ: ଲୋଫର ଓ ଅଫର୍ ଭିତରେ ଫରକ କ'ଣ ?
ମଣ୍ଟୁ: ଏତିକି ଜାଣିନୁ ? ପୁଅ ଯଦି 'ଆଇ ଲଭ୍ ୟୁ' କହେ ତାହେଲେ ସେ 'ଲୋଫର୍'। ଆଉ ଝିଅ 'ଆଇ ଲଭ୍ ୟୁ' କହିଲେ ତାହା 'ଅଫର୍'।

### ଗୁଡ ନାଇଟ୍

ମାଛି ସହ ମଶାର ବାହାଘର ହେଲା।
ପରଦିନ ମାଛି ଭୋ ଭୋ ହୋଇ କାନ୍ଦୁଥାଏ।
ମାଛିର ଭଉଣୀ କହିଲା- କ'ଣ ହେଲା ଦିଦି ? କାହିଁକି ଏତେ କାନ୍ଦୁଛୁ ?
ମାଛି: ରାତିରେ ମୁଁ ଗୁଡ ନାଇଟ୍ ଜଳେଇ ଦେଲି। ଆଉ ତୋ ଜିଜୁ ମରିଗଲେ।

# ମନୋରମ ପର୍ଯ୍ୟଟନସ୍ଥଳୀ
# ମାଲଭନ୍









**ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲା ଅନ୍ତର୍ଗତ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ହେଉଛି ମାଲଭନ୍। ବିଶେଷକରି ଏଠାକାର ସମୁଦ୍ରତଟ ଓ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କ ମନ ମୋହିଥାଏ। ତା'ଛଡ଼ା ଏଠାକାର ଚାଷବାସ, ପାରମ୍ପରିକ ଖାଦ୍ୟ, କଳା, ସଂସ୍କୃତି ବି ବେଶ୍ ମନଛୁଆଁ ଲାଗେ। ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ..**

ମାଲଭନ୍ ହେଉଛି ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲା ଅନ୍ତର୍ଗତ ଏମିତି ଏକ ସ୍ଥାନ ; ଯେଉଁଠାରେ ପର୍ଯ୍ୟଟକ ସମୁଦ୍ରତଟ, ମନ୍ଦିର, ଦୁର୍ଗ, ମେରାଇନ ଅଭୟାରଣ୍ୟ, ରକ୍ ଗାର୍ଡେନ୍ ଭଳି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ତା'ସହିତ ବହୁ ଦୁଃସାହସିକ ଜଳକ୍ରୀଡ଼ାର ବି ମଜା ନେଇପାରିବେ। କେବଳ ସେତିକି ନୁହେଁ ଏଠାକାର ପାରମ୍ପରିକ ଖାଦ୍ୟର ସ୍ୱାଦ ନେବା ସହ ସ୍ଥାନୀୟ କଳା, ସଂସ୍କୃତି ବିଷୟରେ ବି ଅନେକ ଅଜଣା କଥା ଜାଣିପାରିବେ। ଭଗବାନ ବିଷ୍ଣୁଙ୍କର ଦଶାବତାରକୁ ଆଧାର କରି ଅନେକ ପୌରାଣିକ ନାଟକ ଏଠାରେ ବିଭିନ୍ନ ସମୟରେ ପରିବେଷଣ କରାଯାଇଥାଏ। କହିବାକୁ ଗଲେ, ଏହା ଯେମିତି ସ୍ଥାନୀୟ ଅଞ୍ଚଳର ଏକ ମହତ୍ତ୍ୱପୂର୍ଣ୍ଣ କଳା, ସଂସ୍କୃତିରେ ପରିଣତ ହୋଇଯାଇଛି।

## କ'ଣ ଦେଖିବେ

***ସମୁଦ୍ରତଟ:** ମାଲଭନ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଏକାଧିକ ସମୁଦ୍ରତଟ ରହିଛି। ଯେମିତି କି: ତର୍କାଲି ବିଚ୍, ମାଲଭନ୍ ବିଚ୍, ଚିଭ୍‌ଲା ବିଚ୍, ଆର୍‌ସେ ମହଲ ବିଚ୍, ତୋଣ୍ଡାଭାଲି ବିଚ୍, ଅଚ୍‌ରା ବିଚ୍ ତଥା ଭୋଗୱେ ବିଚ୍ ଇତ୍ୟାଦି ଅନ୍ୟତମ। ପର୍ଯ୍ୟଟକ ଚାହିଁଲେ ଏହି ସବୁ ବିଚ୍‌କୁ ବୁଲିଯାଇ ସ୍କୁବା ଡାଇଭିଂ, ପାରାସେଲିଂ, ସ୍ପିଡ୍ ବୋଟ୍ ରାଇଡିଂ, ଜେଟ୍ ସ୍କାଏ ରାଇଡିଂ ଭଳି ଦୁଃସାହାସିକ ଜଳକ୍ରୀଡ଼ାର ମଜା ମଧ୍ୟ ନେଇପାରିବେ।

* **ମାଲଭନ୍ ମେରାଇନ୍ ଅଭୟାରଣ୍ୟ:** ମାଲଭନ୍ ବୁଲି ଆସୁଥିବା ପର୍ଯ୍ୟଟକ ଏଠାରେ ଥିବା ମେରାଇନ୍ ଅଭୟାରଣ୍ୟକୁ ବୁଲିଯାଇ ସମୁଦ୍ର ଭିତରର ଅନେକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଅନେକ ଅଜଣା ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

* **ସିନ୍ଧୁଦୁର୍ଗ ଫୋର୍ଟ:** ମାଲଭନ୍‌ଠାରୁ ମାତ୍ର କିଛି ଦୂରତାରେ ରହିଛି ଏହି ଐତିହାସିକ ସି-ଫୋର୍ଟ ବା ସାମୁଦ୍ରୀ ଦୁର୍ଗଟି। ଏହି ଦୁର୍ଗଟିର ଅପୂର୍ବ କାରୁକାର୍ଯ୍ୟ ଏବେ ବି ବେଶ୍ ମନଛୁଆଁ ଲାଗେ। ଆରବ ସାଗରର ତଟଦେଶରେ ଅବସ୍ଥିତ ଏହି ଦୁର୍ଗ ପାଖରେ ଠିଆ ହୋଇ ସମୁଦ୍ରର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଶ୍ ଆନନ୍ଦଦାୟକ ହୋଇଥାଏ।

* **ରକ୍ ଗାର୍ଡେନ୍:** ମାଲଭନ୍‌ସ୍ଥିତ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ହେଉଛି ଏହି ରକ୍ ଗାର୍ଡେନ୍‌ଟି। ସମୁଦ୍ରତଟର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଏହି ରକ୍ ଗାର୍ଡେନ୍‌ର ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ବିଶେଷକରି ଏହି ରକ୍ ଗାର୍ଡେନରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭାକୁ ଦେଖିବା ବେଶ୍ ମନୋରମ ଲାଗେ। ତା'ଛଡ଼ା ଏହି ଗାର୍ଡେନ ମଧ୍ୟରେ ଥିବା ଛୋଟ ବଡ଼ ହୋଇ ପଥର ନିର୍ମିତ ଅନେକ ପ୍ରତିକୃତି ବି ଦେଖିବାକୁ ବେଶ୍ ଆକର୍ଷକ ଲାଗିଥାଏ। ରକ୍ ଗାର୍ଡେନଠାରୁ ମାତ୍ର କିଛି ଦୂରରେ ଥିବା ଏକ ଫୁଲ ବଗିଚାକୁ ବି ପର୍ଯ୍ୟଟକ ଚାହିଁଲେ ବୁଲି ଯାଇପାରିବେ।

* **ମନ୍ଦିର:** ମାଲଭନ୍‌ର ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ଅନେକ ମନ୍ଦିର ଥିବାର ବି ପର୍ଯ୍ୟଟକ ଦେଖିପାରିବେ। ବିଶେଷକରି ଏଠାକାର ଜୟ ଗଣେଶ ମନ୍ଦିର ହେଉଛି ଏକ ଲୋକପ୍ରିୟ ମନ୍ଦିର।

## ଆମ୍ବ ପାଇଁ ଲୋକପ୍ରିୟ

ମାଲଭନ୍‌ର ଅର୍ଥନୀତି ମୁଖ୍ୟତଃ କୃଷି କାର୍ଯ୍ୟ ଓ ମାଛ ଧରା ଉପରେ ନିର୍ଭର କରିଥାଏ। ଅଲ୍‌ଫାନ୍ସୋ ନାମକ ଏକପ୍ରକାରର ମିଠା ତଥା ରସାଳ ଆମ୍ବ ଏଠାରେ ଭଲ ଚାଷ ହୋଇଥାଏ ବୋଲି ସୂଚନା ରହିଛି। ସେହିପରି ଏଠାକାର ମାଲଭନି ଖଜା ଓ ମାଲଭନି ଲଡୁର ସ୍ୱାଦ ବି ବେଶ୍ ନିଆରା ଲାଗେ। ସ୍ଥାନୀୟ ଲୋକେ ଭାତ ଓ ମାଛ ତରକାରି ଖାଇବାକୁ ଖୁବ୍ ପସନ୍ଦ କରିଥାନ୍ତି। ଆଉ ସେମାନଙ୍କର ଅଧିକାଂଶ ଖାଦ୍ୟରେ ନଡ଼ିଆର ବ୍ୟବହାର ହୋଇଥିବା ଦେଖିବାକୁ ମିଳେ, ସେ ନଡ଼ିଆ ରସ ହେଉ କି ନଡିଆ କୋରା ଅବା ନଡ଼ିଆକୁ ବାଟିକି ହେଉ। ଏହାଛଡ଼ା ସି-ଫୁଡ୍‌ର ମଜା ନେବା ବି ଏଠି ଭିନ୍ନ ଅନୁଭୂତି ଦେଇଥାଏ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ମାଲଭନ୍‌କୁ ବୁଲିଯିବାର ସୁବିଧା ରହିଛି। ତେବେ ଜଳକ୍ରୀଡ଼ା ଓ ସାଇଟ୍ ସିନ୍ ପାଇଁ ଅକ୍ଟୋବରରୁ ମାର୍ଚ୍ଚ ଏଠାକୁ ବୁଲିଯିବା ଠିକ୍ ବୋଲି କୁହାଯାଉଥିବାବେଳେ ଅତ୍ୟଧିକ ଗରମରୁ ତ୍ରାହି ପାଇବା ପାଇଁ ପର୍ଯ୍ୟଟକ ଚାହିଁଲେ ଏପ୍ରିଲ୍‌ରୁ ମେ' ଭିତରେ ବି ଏଠାକୁ ବୁଲି ଯାଇପାରିବେ। ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି।

ରତ୍ନାଗିରିଠାରୁ ପ୍ରାୟ ୧୪୦ କି.ମି. ଏବଂ ମୁମ୍ବାଇଠାରୁ ପ୍ରାୟ ୫୦୫ କି.ମି. ଦୂରରେ ଥିବା ମାଲଭନ୍‌ର ନିକଟବର୍ତ୍ତୀ ରେଳଷ୍ଟେଶନ ହେଉଛି କୁଡ଼ାଲ୍ ଏବଂ କନକଭଲି ରେଲୱେ ଷ୍ଟେଶନ। ସେହିପରି ସିନ୍ଧୁଦୁର୍ଗ ଏୟାରପୋର୍ଟ ହେଉଛି ମାଲଭନ୍‌ର ନିକଟତମ ବିମାନବନ୍ଦର। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ବିଭିନ୍ନ ସ୍ଥାନରୁ ଆସୁଥିବା ଟୁରିଷ୍ଟ ବସ୍ ଯୋଗେ ବି ଏଠାକୁ ବୁଲି ଆସିପାରିବେ।



# ହସ ପଛରେ କଥା






**ହସ! ଏକ ଭାବାବେଗ। ଏକ ରହସ୍ୟ ବି। ମଣିଷ ଭିନ୍ନ ଭିନ୍ନ ପରିସ୍ଥିତିରେ ହସିଥାଏ। କାହାକୁ ଅନ୍ୟ ଜଣେ ପଡ଼ିଯିବାର ଦେଖି ହସ ମାଡ଼େ ତ କେହି କେହି ନିଜେ ପଡ଼ିଗଲେ ବି ହସନ୍ତି। ଆଉ କେବେ କୌଣସି ଚୁଟ୍‌କୁଲା ତ କେବେ କୌଣସି କଥାରେ ହସ ଲାଗେ। ତେବେ ମଣିଷ ହସେ କାହିଁକି? ଏହା ପଛରେ କ'ଣ ରହିଛି ବିଜ୍ଞାନ? ଜାଣନ୍ତୁ ସେ ସମ୍ପର୍କରେ...**

**ଆ**ମେ କୌଣସି ବି ଜିନିଷକୁ ନିଜ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ତିନୋଟି ମାଧ୍ୟମ ବ୍ୟବହାର କରିଥାଉ। ପ୍ରଥମଟି ହେଉଛି ଦେଖିବା, ଦ୍ୱିତୀୟଟି ଶୁଣିବା ଏବଂ ତୃତୀୟଟି ଅନୁଭବ କରିବା। ହସିବା ପ୍ରକ୍ରିୟାରେ ବି ଏହି ତିନୋଟି ଯାକ ଜିନିଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ଆପଣ ଏହି ମାଧ୍ୟମଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିକ ସାହାଯ୍ୟରେ ଏପରି କିଛି ତଥ୍ୟ ମସ୍ତିଷ୍କକୁ ପଠାନ୍ତି ଯାହା ଆପଣଙ୍କୁ ଆନନ୍ଦିତ କରେ, ସେତେବେଳେ ଆମ ମସ୍ତିଷ୍କରେ ଏଣ୍ଡୋର୍ଫିନ୍ସ ନାମକ ଏକ ରାସାୟନିକ ପଦାର୍ଥ ତିଆରି ହେବାକୁ ଲାଗେ। ଏହି କେମିକାଲ ଆମକୁ ଖୁସିର ଅନୁଭୂତି ଦିଏ ଏବଂ ଏହି କାରଣରୁ ହିଁ ଆମେ ହସିଥାଉ।

**କ'ଣ କହେ ବିଜ୍ଞାନ:** 'ସାଇଣ୍ଟିଫିକ୍ ଆମେରିକାନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମନୋବିଜ୍ଞାନୀ କ୍ରିଷ୍ଟିନ ଜେରେଟ କହନ୍ତି, ''ମଣିଷ କେଉଁ କେଉଁ ଜିନିଷ ଉପରେ ହସିବ ତାହାର ଅନୁମାନ ଲଗାଇବା କଷ୍ଟକର ବା ଅସମ୍ଭବ।'' ପ୍ରକୃତରେ ଜଣେ ବ୍ୟକ୍ତି କେଉଁ କଥାରେ ହସିବେ, ତାହା ସେହି ବ୍ୟକ୍ତିଙ୍କର ନିଜସ୍ୱ 'ହ୍ୟୁମର' ବା ରସବୋଧ ଉପରେ ନିର୍ଭର କରେ। ଏକ ଗବେଷଣା ଅନୁଯାୟୀ, ଆମେ ପ୍ରତି ୧୦ ମିନିଟ୍‌ର କଥାବାର୍ତ୍ତା ମଧ୍ୟରେ ପ୍ରାୟ ୭ଥର ହସିଥାଉ, ଯଦିଓ ଆମେ ଏହା ଅନୁଭବ କରିପାରୁନାହୁଁ।

ଆଉ ଏକ ମଜାଦାର କଥା ହେଉଛି, ଆମେ କୌଣସି ଚୁଟ୍‌କୁଲା କିମ୍ବା ମଜାଳିଆ କଥା ଶୁଣି ଯେତିକି ହସୁନାହୁଁ, କାହାକୁ ଭେଟିଲେ ତା'ଠାରୁ ଅଧିକ ହସିଥାଉ। ବିଜ୍ଞାନ କହେ, ଆମେ ଯେତେବେଳେ ଅନ୍ୟ ଜଣକୁ ଭେଟୁ, ସେତେବେଳେ ଆମକୁ ଅଧିକ ହସ ମାଡ଼େ। ହସ ହେଉଛି ସାମାଜିକ ସମ୍ପର୍କକୁ ଦୃଢ଼କରିବା ପାଇଁ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ ଆବେଗ।

**ହସ ଏବଂ ମସ୍ତିଷ୍କ:** ହସ ହେଉଛି ବିନା କଥାରେ ନିଜର ଭାବନା ପ୍ରକାଶ କରିବାର ଏକ ମାଧ୍ୟମ। ଗବେଷଣା ଅନୁଯାୟୀ, ହସକୁ ଆମ ମସ୍ତିଷ୍କର ସେହି ପୁରୁଣା ଅଂଶ ନିୟନ୍ତ୍ରଣ କରେ, ଯାହା ମଣିଷ କଥା କହିବା ଶିଖିବା ପୂର୍ବରୁ ମଧ୍ୟ ବିଦ୍ୟମାନ ଥିଲା। ଏହି କାରଣରୁ ଜଣେ ମୂକ ବ୍ୟକ୍ତି ମଧ୍ୟ ହସିପାରେ କିମ୍ବା କାନ୍ଦିପାରେ। କୌଣସି ଦୁର୍ଘଟଣାରେ ସ୍ୱର ହରାଇଥିବା ବ୍ୟକ୍ତି ମଧ୍ୟ ହସିବାକୁ ଭୁଲେନାହିଁ, କାରଣ ତାଙ୍କ ମସ୍ତିଷ୍କର 'କହିବା' ଅଂଶ ଦୁର୍ବଳ ହୋଇଥାଏ, କିନ୍ତୁ ହସ ସହ ଜଡ଼ିତ ସେହି 'ପୁରୁଣା' ଅଂଶ ସୁରକ୍ଷିତ ଥାଏ।

**ଗୁରୁତ୍ୱପୂର୍ଣ୍ଣ ଓ ଦୁଃଖଦ ମୁହୂର୍ତ୍ତରେ ହସ:** ବେଳେବେଳେ ଏମିତି ହୁଏ କୌଣସି ଗୁରୁତ୍ୱପୂର୍ଣ୍ଣ ମିଟିଂରେ ବସିଥିବାବେଳେ କି କେହି ଜଣେ ଆପଣଙ୍କୁ ଗାଳି କରୁଥିବାବେଳେ ଅବା କୌଣସି ଏକ ଦୁଃଖଦ ପରିବେଶରେ ଥିବାବେଳେ ହଠାତ୍ ଜୋରରେ ହସ ଲାଗେ। ସେହି ହସକୁ ରୋକିବା ପାଇଁ ଚେଷ୍ଟା କରନ୍ତି, କିନ୍ତୁ ହସ ଯେପରି ରୋକିବାର ନାଁ ନିଏ ନାହିଁ। ଯଦି ଆପଣଙ୍କ ସହ ମଧ୍ୟ ଏପରି ଘଟୁଛି, ତେବେ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ। ବିଜ୍ଞାନ ଭାଷାରେ ଏହାକୁ ନର୍ଭସ୍ ଲାଫ୍ଟର ଅର୍ଥାତ୍ ଘାବରେଇ ଯିବା କିମ୍ବା ଭୟଭୀତ ହେବା କାରଣରୁ ଆସୁଥିବା ହସ କୁହାଯାଏ। ମନୋବିଜ୍ଞାନ ଏହାକୁ 'ଅସଙ୍ଗତ ଭାବନା' ବା ଇନ୍‌କନ୍‌ଗ୍ରୁଅସ ଇମୋସନ ବୋଲି ମାନିଥାଏ। ନର୍ଭସ ଲାଫ୍ଟର ହେଉଛି ସେହିଭଳି ଏକ ଆବେଗ, ଯାହା ଖୁସି କିମ୍ବା ମଜାକ ପାଇଁ ଆସି ନ ଥାଏ, ବରଂ ଏହା ଆପଣଙ୍କ ଶରୀରର ଏକ ଡିଫେନ୍ସ ମେକାନିଜମ୍ ବା ସୁରକ୍ଷା ପଦ୍ଧତି। ଯେତେବେଳେ ଆମେ କୌଣସି କଥାରେ ଅତ୍ୟଧିକ ଅସହଜ, ଭୟଭୀତ କିମ୍ବା ମାନସିକ ଚାପରେ ଥାଉ ସେତେବେଳେ ଆମ ଶରୀର ସେହି ଭାରି ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ହସର ସାହାରା ନେଇଥାଏ। ଅନ୍ୟ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଗମ୍ଭୀର ପରିସ୍ଥିତିରେ ହସ ଆସିବାର ଅନ୍ୟ ଏକ କାରଣ ହେଉଛି ଭାବନାର ଅତିରିକ୍ତ ପ୍ରବାହ। ଯେପରି କୌଣସି କ୍ୟୁଟ୍ ବା ସୁନ୍ଦର ପିଲାକୁ ଦେଖିଲେ ତା'ର ଗାଲକୁ ଜୋରରେ ଟାଣିବାକୁ ଇଚ୍ଛା ହୁଏ, ଠିକ୍ ସେହିପରି ଯେତେବେଳେ ମସ୍ତିଷ୍କରେ ହଠାତ୍ ଅତ୍ୟଧିକ ଚାପ କିମ୍ବା ଚିନ୍ତା ଭରିଯାଏ, ସେତେବେଳେ ମସ୍ତିଷ୍କ ନିଜକୁ ସନ୍ତୁଳିତ କରିବା ପାଇଁ ସମ୍ପୂର୍ଣ୍ଣ ଓଲଟା ପ୍ରତିକ୍ରିୟା, ଯେପରିକି କାନ୍ଦିବା ଜାଗାରେ ହସିବା ପ୍ରଦାନ କରିଥାଏ।






# ସବୁଠୁ ଦାମୀ କଫି

**କ**ଫି ଲଭର ବିଭିନ୍ନ ପ୍ରକାର କଫିର ସ୍ୱାଦ ଚାଖିବାକୁ ଚାହାନ୍ତି। ହେଲେ ନିକଟରେ ଦୁବାଇର ରୋଷ୍ଟର୍ସ ନାମକ ଏକ କଫି ଶପ୍‌ରେ ଯେଉଁ କଫି ଜଣେ ଭାଗ୍ୟଶାଳୀ ଗ୍ରାହକଙ୍କୁ ପରଷା ଯାଇଥିଲା ତାକୁ ପିଇବା ସାତସପନ। କାରଣ ତାହା ହେଉଛି ପୃଥିବୀର ସବୁଠାରୁ ଦାମୀ କପ୍ କଫି। ଦୁବାଇରେ ୪ଟି ଏବଂ ସମଗ୍ର ସଂଯୁକ୍ତ ଆରବ ଏମିରେଟ୍ସରେ ୧୧ଟି ଶାଖା ଥିବା ଆଭିଜାତ୍ୟପୂର୍ଣ୍ଣ କଫି ଶପ୍ 'ରୋଷ୍ଟର୍ସ'ରେ ଏହି କଫି ଉପଲବ୍ଧ, ଯାହାର ମୂଲ୍ୟ ହେଉଛି ପ୍ରାୟ ୬୫୦୦୦ଟଙ୍କା। ଭାବୁଥିବେ ଏହି କଫିର ମୂଲ୍ୟ ଏତେ ଅଧିକ କାହିଁକି? ପ୍ରକୃତ କଥା ହେଉଛି 'ବେଷ୍ଟ ଅଫ୍ ପାନାମା ୨୦୨୫' ନିଲାମରେ 'ରୋଷ୍ଟର୍ସ' ସମ୍ପୂର୍ଣ୍ଣ ୨୦ କିଲୋଗ୍ରାମର 'ୱାଶଡ ଗିସା କଫି'କୁ ୬,୦୪,୦୦୦ ଡଲାରରେ କିଣିଥିଲା। ଫଳରେ ଏହି କଫି ସବୁଠାରୁ ଦାମୀ ଭାବେ ଗିନିଜ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଲା। ଆଉ ଏକ ରୋଚକକଥା ହେଉଛି ସେପ୍ଟେମ୍ବର ୧୩ରେ, ଦୁବାଇ ଡାଉନଟାଉନ ବୁଲେଭାର୍ଡ ସ୍ଥିତ କମ୍ପାନୀର ମୁଖ୍ୟ ଶାଖାରେ ରୋଷ୍ଟର୍ସର କର୍ମଚାରୀମାନେ ଜଣେ ଭାଗ୍ୟଶାଳୀ ଗ୍ରାହକଙ୍କୁ 'ଭି ୬୦' ପଦ୍ଧତିରେ ପ୍ରସ୍ତୁତ ଉକ୍ତ କଫିକୁ ହାତତିଆରି ସୁନ୍ଦର 'ଏଡୋ କିରିକୋ' କ୍ରିଷ୍ଟାଲ ଗ୍ଲାସ୍‌ରେ ପରଷିଥିଲେ। ଏହାସହ ଏକ ଖଣ୍ଡ ତିରାମିସୁ ଏବଂ ସେହି ଗିସା ମଞ୍ଜି ମିଶ୍ରିତ ଚକୋଲେଟ ଆଇସ୍‌କ୍ରିମ ମଧ୍ୟ ପରଷା ଯାଇଥିଲା। ଏହି ଦୁର୍ଲଭ 'ଗିସା' କଫିର ମଞ୍ଜି ଏହାର ଫୁଲ ପରି ସୁବାସ ଏବଂ ଫଳର ସ୍ୱାଦ ପାଇଁ ବେଶ୍ ଜଣାଶୁଣା।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଅସ୍ତ୍ର ସଂହିତା

ଆପଣଙ୍କୁ ମିଛ, ମୋତେ ସତ । ଘଟଣାଟି ଏହିପରି, ନିଜକୁ ସର୍ବଶକ୍ତିମାନ ଭାବୁଥିବା ଆମେରିକାର ରାଷ୍ଟ୍ରପତି ମନଦୁଃଖରେ ହ୍ୱାଇଟ ହାଉସ ପାର୍କରେ ଏକୁଟିଆ ବସିଥାନ୍ତି। ରାଷ୍ଟ୍ରପତିଙ୍କୁ ଏପରି ଚିନ୍ତିତ ଥିବା ଦେଖି ତାଙ୍କ ସେନାଧ୍ୟକ୍ଷ ଆସି କାରଣ ପଚାରିବାରୁ ଟ୍ରମ୍ପ ବଡ଼ ଭାବପ୍ରବଣ ହୋଇ କହିଲେ, ମୁଁ ଭାବୁଥିଲି ଆମେରିକା ବିଶ୍ୱର ନମ୍ବର ୱାନ ଶକ୍ତିଶାଳୀ ରାଷ୍ଟ୍ର । ହେଲେ କିଛିବର୍ଷ ହେଲା ଆମେରିକାକୁ ଛୋଟମୋଟ ଦେଶ ବି ଆଉ ଖାତିର କରୁନାହାନ୍ତି । ଉତ୍ତର କୋରିଆ ଭଳି ଏଡିକି ବକଟେ ଦେଶ ମୁହଁ ମୋଡ଼ି ଦେଉଛି। ଚାଇନା କଥା ନ କହିଲେ ଭଲ । ଆମେରିକା ଅସ୍ତିତ୍ୱର ଧଜିଆ ଉଡେଇଲା ଭଳି ଉପହାସ କରୁଛି। ଭାବିଥିଲି ଆଫଗାନ କି ଇରାକ ଭଳି ଦେହରୁ ଧୂଳି ଝାଡିଲା ଭଳି ଇରାନକୁ ଦିନେ ଦୁଇ ଦିନ ଭିତରେ ସଫା କରିଦେବି। ଦେଖିଲା ବେଳକୁ ଓଲଟି ସେ ମୋତେ ଆଖି ଦେଖାଉଛି । ଆମର ଏତେ ବୈଷୟିକ ଜ୍ଞାନ, ଯୁଦ୍ଧ କୌଶଳ, ଉନ୍ନତ ଅସ୍ତ୍ରଶସ୍ତ୍ର କେଉଁ କାମକୁ ନୁହେଁ। ପରିସ୍ଥିତି ଆସି ଏପରି ସ୍ତରରେ ପହଞ୍ଚିଲାଣି ଯେ ପ୍ରତିଦିନ ଆମକୁ ବିଶ୍ୱ ଦରବାରରେ ବେଜ୍ଜିତ ହେବାକୁ ପଡୁଛି । ଭାରି ଲଜ୍ଜାଜନକ ସ୍ଥିତି ଏବେ ଆମର ।

ସେନାଧ୍ୟକ୍ଷ ବୋଧ ଦେଲା ଭଳି ନରମ ଗଳାରେ କହିଲେ, ସାର୍ ଅନୁମତି ହେଲେ ଛୋଟ ମୁହଁରେ ବଡ଼ କଥାଟିଏ କହିବି । ମୁଁ ବି ଅନେକ ଦିନ ହେଲା ଏ ବିଷୟରେ ଚିନ୍ତା କରୁଛି । ଏ ବିଷୟରେ ଆମକୁ କେବଳ ଭାରତ ହିଁ ସାହାଯ୍ୟ କରିପାରିବ । କାରଣ ଭାରତ ପାଖରେ ଯେଉଁ ସବୁ ଅଦ୍ଭୁତ ଅସ୍ତ୍ରଶସ୍ତ୍ର ଅଛି ତାକୁ ଏ ଯାଏ ଆମ ବୈଜ୍ଞାନିକମାନେ ବୁଝିପାରୁନାହାନ୍ତି। ଶୁଣିଛି ବିଶ୍ୱର ସବୁଠୁ ବଡ଼ ଯୁଦ୍ଧ ମହାଭାରତ ଯୁଦ୍ଧକୁ ମାତ୍ର ଅଠର ଦିନ ଭିତରେ ସେମାନେ ସାରିଦେଇଥିଲେ । ଏ ଯାଏ ପୃଥିବୀର ବୈଜ୍ଞାନିକମାନେ ସୁଦର୍ଶନ ଚକ୍ରର ନିର୍ମାଣ ଶୈଳୀକୁ ବୁଝି ପାରୁନାହାନ୍ତି। ସୁଦର୍ଶନ ଚକ୍ରର ଜିପିଏସ୍ ଏତେ ଠିକ ଯେ ଆଜି ଯାଏ ଲକ୍ଷ୍ୟଭ୍ରଷ୍ଟ ହୋଇଥିବାର ପ୍ରମାଣ କେଉଁଠି ବି ନାହିଁ । ଆମ ଲେଜର ଅସ୍ତ୍ରଠାରୁ ଲକ୍ଷେ ଗୁଣ ଅଧିକ ଶକ୍ତିଶାଳୀ ଅସ୍ତ୍ରକୁ କୈଳାସ ପର୍ବତରେ ରହୁଥିବା ମହାଦେବ ତାଙ୍କ ଦୁଇ ଆଖି ମଝିରେ ରଖି ବୁଲୁଛନ୍ତି । 'ତୃତୀୟ ନୟନ' ନାମରେ ନାମିତ ଏହି ଲେଜର ଅସ୍ତ୍ର ଥରେ ଖୋଲିଲେ କାଳେ ବ୍ରହ୍ମାଣ୍ଡ ଧ୍ୱଂସ ହୋଇଯିବ । ମହାଦେବଙ୍କ ପାଖରେ ଥିବା ପାଶୁପତ ଅସ୍ତ୍ରର ଶକ୍ତି ଆଗରେ ଆମର ମିସାଇଲ କେଉଁ କାମକୁ ନୁହେଁ । ଇନ୍ଦ୍ରଙ୍କ ବଜ୍ରାସ୍ତ୍ର ପ୍ରଚଣ୍ଡ ଘଡ଼ଘଡ଼ି, ଚଡ଼ଚଡି ସହ ବର୍ଷା କରେଇଦେବ। ପବନାସ୍ତ୍ର ବାତ୍ୟା କରିବ। ଏମିତିରେ ତାଙ୍କ ପାଖରେ ଥିବା ପୁଷ୍ପକ ବିମାନକୁ ବିଶ୍ୱର କୌଣସି ରାଡାର ଧରିବାକୁ ଅକ୍ଷମ। ବିନା ଇଞ୍ଜିନ, ବିନା ତେଲରେ ଲକ୍ଷେ ଯୋଜନ ଉଡ଼ି ପାରିବାର କ୍ଷମତା ଅଛି ତା'ର। ମୋର ଆପଣଙ୍କୁ ଅନୁରୋଧ ଆପଣ ଯଥା ଶୀଘ୍ର ଭାରତ ସହ କଥା ହୋଇ ସେସବୁ ଅସ୍ତ୍ରଶସ୍ତ୍ର ମଗାନ୍ତୁ।

ଟ୍ରମ୍ପଙ୍କୁ ସେନାଧ୍ୟକ୍ଷଙ୍କ ପ୍ରସ୍ତାବ ଭଲ ଲାଗିଲା। ସେ ସଙ୍ଗେ ସଙ୍ଗେ ଭାରତକୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ପଠେଇଲେ। ବହୁ ବିଚାର ବିମର୍ଶ ପରେ ପ୍ରଥମ ଦଫାରେ ସୁଦର୍ଶନ ଚକ୍ର, ପୁଷ୍ପକ ବିମାନ ଓ ବଜ୍ର ବ୍ରହ୍ମାସ୍ତ୍ର, ନାରାୟଣୀ ଅସ୍ତ୍ର, ପବନାସ୍ତ୍ର ଭଳି କିଛି ଅସ୍ତ୍ର ନେବା ପାଇଁ ଭାରତ ସହ ଚୁକ୍ତିନାମା ହେଲା। ଯୁଦ୍ଧର ଭୟାବହତାକୁ ଦୃଷ୍ଟିରେ ରଖି ଭାରତ ତୁରନ୍ତ ସେ ସବୁ ଅସ୍ତ୍ର ପଠେଇବାର ବ୍ୟବସ୍ଥା ବି କରିଦେଲା।

ଆମେରିକାରେ ସେସବୁ ଅସ୍ତ୍ର ପହଞ୍ଚିବା ପରେ ସେଠାକାର ବୈଜ୍ଞାନିକମାନଙ୍କ ଭିତରେ ଚହଳ ପଡ଼ିଗଲା । ଟ୍ରମ୍ପ ଭାରତରୁ ଯାଇଥିବା ଅସ୍ତ୍ର ସବୁ ମାଇନା କରୁଥିବା ସମୟରେ ଜଣେ ଆସି ଟ୍ରମ୍ପଙ୍କୁ ଖବର ଦେଲା, ସାର୍ ଇରାନର ଦୁଇଟି କ୍ଷେପଣାସ୍ତ୍ର ଏବେ ଇଜ୍ରାଇଲ ଉପରେ ପଡ଼ି ବହୁ କ୍ଷୟକ୍ଷତି ଘଟେଇଛି। ଟ୍ରମ୍ପ ଟିକେ ହସି କହିଲେ, ବ୍ୟସ୍ତ ହୁଅନି ଆମ ପାଖରେ ଏବେ ଏମିତି ଅସ୍ତ୍ର ଆସି ପହଞ୍ଚିଛି ଯାହା ନିମିଷକରେ ଇରାନର ମାନଚିତ୍ର ବଦଳେଇ ଦେବ । ଘୋଡ଼ା ଦୌଡ଼ିଦୌଡ଼ି ଯେଉଁଠି ହାତୀ ପାହୁଣ୍ଡ ପକେଇ ସେଇଠି । ପ୍ରଥମେ ଇନ୍ଦ୍ର ବ୍ରାଣ୍ଡର ବଜ୍ର ବ୍ରହ୍ମାସ୍ତ୍ର ଛାଡ଼। ଏଇ ଗୋଟିକରେ



ଇରାନର ଅଧାଅଧି ଦେଖିବ ସମୁଦ୍ରରେ ଲୀନ ହେଇଯିବ। ସାଙ୍ଗେ ସାଙ୍ଗେ ଇରାନ ଆଡ଼କୁ ମୁହଁ କରି ବଜ୍ର ବ୍ରହ୍ମାସ୍ତ୍ରକୁ ରଖିଲା ପରେ ଯେତେ ସୁଇଚ୍ ଟିପିଲେ ବି ବ୍ରହ୍ମାସ୍ତ୍ର ଇଞ୍ଚେ ଘୁଞ୍ଚିଲା ନାହିଁ। ଜଣେ କହିଲା, ଆଜ୍ଞା ଏ ଅସ୍ତ୍ର ସାଙ୍ଗରେ ବ୍ୟବହାର କରିବାର ବିଧି ବୋଲି ଗୋଟେ ଛୋଟ ପୁସ୍ତିକା ଆସିଥିଲା କାଳେ ସେଥିରେ କେମିତି ଉତ୍କ୍ଷେପଣ ହେବ ସେ ବିଷୟରେ ଲେଖା ଥିବ। ତୁରନ୍ତ ସେ ବହି ଆଣି ଦେଖିଲା ବେଳକୁ ଏକ, ଦୁଇ କରି ପ୍ରାୟ ଦଶଟା ନିୟମ ଲେଖା ଅଛି । ପ୍ରଥମ ନିୟମ ହେଲା ସଂକ୍ରାନ୍ତି ଦିନ ପ୍ରଥମେ ଏହାକୁ ଗଙ୍ଗା ଜଳରେ ଶୋଧନ କରିବ। ତା'ପରେ ମଙ୍ଗଳାଙ୍କ ମନ୍ଦିରରୁ ସିନ୍ଦୂର ଆଣି ଫୁଲ ଫଳ ଅର୍ଘ୍ୟ ଦେଲା ପରେ ହୋମ କରିବ । ଏମିତି ହୋଇ ହୋଇ ଶେଷରେ 'ଓଁ ଇନ୍ଦ୍ରଦେବାୟ ନମଃ' ମନ୍ତ୍ରକୁ ଶହେଆଠ ଥର ପାଠ ସହ ଘିଅ ଆହୁତି ଦେବ ।

ସେତିକିବେଳେ ଖବର ଆସିଲା ଇରାନର କ୍ଷେପଣାସ୍ତ୍ର ମାଡ଼ରେ ପୂରା ଇଜ୍ରାଇଲ ଥର ହର। ସେନାଧ୍ୟକ୍ଷ କହିଲେ, ସାର୍ ଶୀଘ୍ର କିଛି ନିଷ୍ପତ୍ତି ନିଅନ୍ତୁ। ଏ ସମୟରେ ପୂଜାର୍ଚ୍ଚନା କରିବାକୁ ଆମ ପାଖରେ ସମୟ ନାହିଁ । ଟ୍ରମ୍ପ କହିଲେ, ସେ ବ୍ରହ୍ମାସ୍ତ୍ରକୁ ସାଇଡରେ ରଖ, ଏବେ ସୁଦର୍ଶନ ଚକ୍ର ପଠାଅ। ସେ ଯାଇ ଇରାନର ସବୁ ନେତାଙ୍କ ବେକ କାଟିଲା ପରେ ଯୁଦ୍ଧ ଆପେ ବନ୍ଦ ହେଇଯିବ। ସାଙ୍ଗେ ସାଙ୍ଗେ ସୁଦର୍ଶନ ଚକ୍ରକୁ ସେନାଧ୍ୟକ୍ଷ ନିର୍ଦ୍ଦେଶ ଦେଲେ ଉଡ଼ିବା ପାଇଁ। ହେଲେ ଇଏ କ'ଣ ! ସୁଦର୍ଶନ ଚକ୍ର ଯେମିତିକୁ ସେମିତି ପଡି ରହିଛି । ଯେତେ କମାଣ୍ଡ ଦେଲେ ବି ଉଡ଼ିବା ଦୂର କଥା ଟିକେ ହଲଚଲ ବି ହେଉନି । ସାଙ୍ଗେ ସାଙ୍ଗେ ସୁଦର୍ଶନ ଚକ୍ର ସହ ଆସିଥିବା ବ୍ୟବହାର ନିୟମ ପୁସ୍ତିକା ଆଣି ଦେଖାଗଲା । ସେଥିରେ ପ୍ରଥମ ନିୟମ ଲେଖା ଥିଲା ଏହାକୁ ବ୍ୟବହାର କରିବା ପୂର୍ବରୁ ବିଷ୍ଣୁ ସହସ୍ର ନାମ ଜପ କରିବାକୁ ହେବ । ଶ୍ରୀକୃଷ୍ଣଙ୍କୁ ଆବାହନ କରିବାକୁ ଅଷ୍ଟମୀ ବ୍ରତ ରଖିବାକୁ ହେବ । 'ଓଁ କ୍ଲୀଂ କୃଷ୍ଣାୟ ନମଃ' ମନ୍ତ୍ରକୁ ପଦ୍ମାସନରେ ବସି ଶହେ ଆଠ ଥର ଉଚ୍ଚାରଣ କରିବାକୁ ହେବ । ତତ୍ ପଶ୍ଚାତ ଗୀତଗୋବିନ୍ଦ ଗାନ ସହ ସୁଦର୍ଶନଙ୍କ ସାମ୍ନାରେ ମାହାରୀ ନୃତ୍ୟ କରିବାକୁ ହେବ । ତା'ପରେ ସୁଭଦ୍ରାଙ୍କୁ ଜଣେଇବାକୁ ପଡ଼ିବ କାହିଁକି ଯାଉଛନ୍ତି , କୁଆଡେ ଯାଉଛନ୍ତି, କ'ଣ ପାଇଁ ଯାଉଛନ୍ତି, କେତେବେଳେ ଫେରିବେ ଇତ୍ୟାଦି ଇତ୍ୟାଦି । ସୁଭଦ୍ରାଙ୍କ ଆଜ୍ଞା ମାଳ ଆସିଲେ ସୁଦର୍ଶନ ଉଡିବା ଆରମ୍ଭ କରିବେ । ଏ ସବୁ ଶୁଣି ଟ୍ରମ୍ପ ମୁଣ୍ଡରେ ହାତ ଦେଇ ବସିଗଲେ । ସେତିକି ବେଳେ ସେନାଧ୍ୟକ୍ଷ ଖବର ଦେଲେ ସାର୍ ଇରାନର ମିସାଇଲ ପୂରା ଇଜ୍ରାଏଲକୁ ଧ୍ୱଂସ କଲା ପରେ ଆମେରିକା ମୁହାଁ ହେଲାଣି । କେଉଁ ମୁହୂର୍ତ୍ତରେ ଇରାନୀ ମିସାଇଲ ହ୍ୱାଇଟ ହାଉସ ଉପରେ ପଡିପାରେ । ମୋ' କଥା ମାନନ୍ତୁ ପୁଷ୍ପକ ବିମାନରେ ବସି ଆପଣ ସୁରକ୍ଷିତ ସ୍ଥାନକୁ ଚାଲିଯାଅନ୍ତୁ । ଟ୍ରମ୍ପ ଆପେ ବଞ୍ଚିଲେ ବାପାର ନାଁ ନ୍ୟାୟରେ କହିଲେ, ଠିକ କଥା ଆଗ ଜୀବନ ବଞ୍ଚୁ ତା' ପରେ ଏ ସବୁ ପୂଜା ପାଠ କରିହେବ । ଟ୍ରମ୍ପ ଯାଇ ପୁଷ୍ପକ ବିମାନରେ ବସି ଉଡିବା ଉଡ଼ିବା ପାଇଁ ସୁଇଚ୍ ଟିପିବାକୁ ଗଲାବେଳେ ଦେଖିଲେ ସୁଇଚ୍ ପାଖରେ ଗୋଟେ ଛୋଟ ନିୟମ ପୁସ୍ତିକା ଝୁଲୁଛି । ତାକୁ ଆଣି ପଢିଲା ପରେ ଟ୍ରମ୍ପଙ୍କ ଦେହରୁ ଗମ ଗମ ଝାଳ ବାହାରିଗଲା । ସେଥିରେ ଲେଖା ଥିଲା , ବିମାନକୁ ବ୍ୟବହାର କରିବା ପୂର୍ବରୁ ଶନିବାର କାଳୀ ମନ୍ଦିରରେ ପ୍ରଥମେ ବାହନ ପୂଜା କରିବ । ଦୁଇଟି ଶଙ୍ଖା ଗୋଟିଏ କଉଡିକୁ ନାଲିଫରୁଆ କନାରେ ବାନ୍ଧି ବିମାନରେ ବାନ୍ଧିବ। ଶତ୍ରୁ ଦେଶର ରାଡାରର କୁଦୃଷ୍ଟି ନ ପଡ଼ିବା ପାଇଁ ଲେମ୍ବୁ ଓ ସାତଟା ଲଙ୍କାକୁ ଧଳା ସୂତାରେ ଗୁନ୍ଥି ବିମାନର ସାମ୍ନାରେ ବାନ୍ଧିବ। ତା'ପରେ ନନା ତିନିଥର ତାଳିମାରିଲା ପରେ ନଡ଼ିଆ ଭାଙ୍ଗି ନଡ଼ିଆ ପାଣି ବିମାନ ଉପରେ ସିଞ୍ଚନ କରିବ । ଶେଷରେ ବିମାନ ତଳେ ଚାରିଟା ଲେମ୍ବୁ ରଖି ବିମାନ ଗଡ଼େଇବ, ଯେମିତି ଲେମ୍ବୁ ବିମାନ ତଳେ ଚିପି ହୋଇ ଫାଟିଯିବ । ବିମାନ ଷ୍ଟାର୍ଟ କରିବା ପୂର୍ବରୁ ବିମାନର ଅଧିଷ୍ଠାତ୍ରୀ ଦେବୀ 'ଓଁ ହ୍ରିଁ କ୍ଲିଙ୍ଗ ସୂର୍ପଣଖା ଦେବୀ ନମଃ' ତିନିଥର କହିବ । ସେତିକିବେଳେ ସେନାଧ୍ୟକ୍ଷ ଖବର ଦେଲେ, ସାର୍ ଶୀଘ୍ର ଚାଲନ୍ତୁ ଇରାନର କ୍ଷେପଣାସ୍ତ୍ର କୌଣସି ମୁହୂର୍ତ୍ତରେ ଆମ ଉପରେ ପଡିଯାଇପାରେ । ଟ୍ରମ୍ପ ପୁଷ୍ପକ ବିମାନରୁ ଡେଇଁ ବଙ୍କର ଆଡ଼କୁ ଦୌଡ଼ି ଦୌଡି ଗଲାବେଳେ କହିଲେ ଅସ୍ତ୍ର ବ୍ୟବହାର କରିବା ପୂର୍ବରୁ ପୂଜାପାଠ ବିଧିସିଦ୍ଧି କରିବାକୁ ଲେଖା ଯାଇଛି, ସେତକ କରୁ କରୁ ଯୁଦ୍ଧରେ ପୂରା ଦେଶ ଧ୍ୱଂସ ହୋଇଯାଇଥିବ।


*-ବନମାଳୀ ଭବନ, ଖାନ୍‌ନଗର , କଟକ ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଅବୁଝା ନଈ

**କବି :ପ୍ରଦ୍ୟୁମ୍ନ ପଟ୍ଟନାୟକ**
**ପ୍ରକାଶକ :ପଶ୍ଚିମା ପବ୍ଲିକେଶନ୍‌ସ**
**୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର**
**ମୂଲ୍ୟ :୧୬୯/-**

କବି ପ୍ରଦ୍ୟୁମ ପଟ୍ଟନାୟକଙ୍କ ଏହା ସପ୍ତମ କବିତା ସଂକଳନ। ଶେଷ କବିତାର ଶୀର୍ଷକକୁ ନେଇ ସଂକଳନଟିର ନାମକରଣ କରାଯାଇଛି। ଏଥିରେ ସର୍ବମୋଟ ବାଉନଟି ଭିନ୍ନସ୍ୱାଦର କବିତା ସ୍ଥାନ ପାଇଛି। 'ଗ୍ରାମଦେବତୀ'ଠାରୁ 'ପାଣିପାଗ'ଯାଏ ପ୍ରତିଟି କବିତାରେ ଆପଣା ଅନ୍ତରର ଅକୁହା ଅଭିବ୍ୟକ୍ତି ସୁନ୍ଦରରୂପରେ ପରିପ୍ରକାଶ ଘଟିଛି। କବି ହୃଦୟର ନିଭୃତକୋଣରୁ ଉଦ୍‌ବେଳିତ ଭାବନା, ସ୍ୱପ୍ନ, ତଥା କାମନାର ଲାଳିତ୍ୟ ରୂପ କବିତା ଭାବରେ ଝରି ଆସିଛି। ପ୍ରତିଟି କବିତା କିଛି ସମୟ ପାଇଁ ପାଠକଙ୍କୁ ବାନ୍ଧି ରଖିବ ଆପଣାର ଶବ୍ଦଜାଲରେ। ପ୍ରଦ୍ୟୁମ୍ନବାବୁ ଖାଲି କବିତା ଲେଖନ୍ତି ନାହିଁ, ବରଂ ତାଙ୍କର ପୂର୍ବରୁ ଗଳ୍ପସଂକଳନ ତଥା ଶିଶୁକିଶୋର ଗଳ୍ପ, କବିତା ଓ ଉପନ୍ୟାସ ପୁସ୍ତକ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି।'ଅବୁଝା ନଈ 'କବିତା ସଂକଳନଟି ଅନୁରୂପଭାବେ ପାଠକୀୟ ଶ୍ରଦ୍ଧା ଲାଭକରିବ ବୋଲି ଆଶା ଓ ବିଶ୍ୱାସ।




### ବଜ୍ମେ ଉଲଫତ (ହିନ୍ଦୀ ଗଜଲେଂ )

**ଲେଖକ : ଅନ୍ତର୍ଯ୍ୟାମୀ ମିଶ୍ର**
**ପ୍ରକାଶିକା :ପ୍ରେମଲତା ମିଶ୍ର, ପିପି -୧୯,**
**ପାଣ୍ଡବନଗର, ଭୁବନେଶ୍ୱର -୧୮, ମୂଲ୍ୟ :୧୪୦/**

ଓଡ଼ିଆ ଗୀତିକବିତାର ଅନ୍ୟତମ ବିନ୍ଧାଣି ଡ. ଅନ୍ତର୍ଯ୍ୟାମୀ ମିଶ୍ର। ଭଜନ, ଆଧୁନିକ, ଓଡ଼ିଶୀ, ପଲ୍ଲୀ, ଦେଶାତ୍ମବୋଧକ ଗୀତିକବିତା ରଚନା କରି ସେ ଖୁବ ପ୍ରସିଦ୍ଧି ଲାଭ କରିଛନ୍ତି। ଶ୍ରୀ ମିଶ୍ର ଏହା ପୂର୍ବରୁ ଦୁଇଟି ଗଜଲ ପୁସ୍ତକ ପାଠକମାନଙ୍କୁ ଭେଟି ଦେଇସାରିଛନ୍ତି। ଏହା ତାଙ୍କର ତୃତୀୟ ଗଜଲ ପୁସ୍ତକ। ଜୀବନର ଅପରାହ୍ନରେ ପହଞ୍ଚିଥିଲେ ହେଁ ଏଇ ଗଜଲ ରଚନାର ନିଶାରୁ ସେ ଓହରି ଯାଇ ନାହାନ୍ତି। ଏଇ ପୁସ୍ତକରେ ସର୍ବମୋଟ ୭୫ଟି ଗଜଲ ସ୍ଥାନ ପାଇଛି। ପ୍ରତି ଗଜଲରେ ଥିବା କ୍ଲିଷ୍ଟ ଶବ୍ଦର ଅର୍ଥ ମଧ୍ୟ ସେଇ ଗଜଲରେ ଶେଷରେ ଦିଆଯାଇଛି। ଯାହା ଫଳରେ ଓଡ଼ିଆ ପାଠକପାଠିକାଙ୍କ ପଠନରେ ବାଧା ଉପୁଜିବ ନାହିଁ। ଏକ ସମର୍ପିତ ଭାବ ନେଇ ସେ ଏଇ ଗଜଲ ରଚନାରେ ନିଜକୁ ଆତ୍ମନିଷ୍ଠ କରି ରଖିଛନ୍ତି। ଗୀତିକାରଙ୍କ ଏଇ ନୂତନ ଗଜଲ ପୁସ୍ତକଟି ପାଠକୀୟ ଶ୍ରଦ୍ଧାଲାଭ କରିବ ବୋଲି ଆଶା ଓ ବିଶ୍ୱାସ।




### ଝଡର ଅନ୍ତରାଳେ

**ଶରତ କୁମାର ମହାପାତ୍ର**
**ପ୍ରଶାକାଶ: ସାରସ୍ୱତ ପ୍ରକାଶନ, ମାର୍କୋଣା**
**ସିମୁଳିଆ, ବାଲେଶ୍ୱର -୨୬, ମୂଲ୍ୟ-୧୫୦ଟଙ୍କା**

ଝଡର ଅନ୍ତରାଳେ କବି ଶରତ କୁମାର ମହାପାତ୍ରଙ୍କ ପ୍ରଥମ କବିତା ସଂକଳନ। ଏଥିରେ ୫୧ କବିତା ସ୍ଥାନ ପାଇଛି। କବିତା ଏକ ନମନୀୟ କଳା । ଜଟିଳତା ଓ ତାତ୍ତ୍ୱିକ ବିଚାର ସେ ସହ୍ୟ କରିପାରେନା । ଏହି ନ୍ୟାୟରେ କବି ମହାପାତ୍ରଙ୍କ କବିତା ବିଚାର୍ଯ୍ୟ। ସେ କୌଣସି 'ବାଦ' ବା ଇଜିମ୍ ଭିତରେ ବାନ୍ଧି ହୋଇ ନାହାନ୍ତି । ତାଙ୍କ ଭାବପକ୍ଷ ଯେମିତି ସ୍ୱଚ୍ଛନ୍ଦ, ପ୍ରକାଶଭଙ୍ଗୀ ମଧ୍ୟ ସେହିପରି ସରଳ। ସରସ୍ୱତୀ, ପୁରୁଷୋତ୍ତମ, ଗୋଲୋକବିହାରୀ, ଜୟମା ମଙ୍ଗଳା ଓ ଶ୍ରୀରାଧା ଆଦି କବିତାଗୁଡିକ ଭକ୍ତି ଭାବନା ସମ୍ବଳିତ। ଏଥିରେ ଦିଅଁ ଓ ପୀଠ ମହାତ୍ମ୍ୟ ସହିତ ଭକ୍ତର ଐକାନ୍ତିକ ସମର୍ପଣ ଭାବ ବ୍ୟକ୍ତ ହୋଇଛି। ଝଡର ଅନ୍ତରାଳେ ଏକ କାହାଣୀଧର୍ମୀ ଶିଶୁବୋଧକ ଗୀତିକା। ପୁସ୍ତକରେ ପ୍ରକୃତି ଓ ଜୀବନର ବିମର୍ଷ ଚିତ୍ର କବିତାର ମର୍ମବାଣୀ। ସମଗ୍ର ପୁସ୍ତକରେ ଏହି ଭାବବୋଧ ପରିଲକ୍ଷିତ । ପୁସ୍ତକଟି ସାର୍ବଜନିନ ପାଠକୀୟତା ହାସଲ କରିବାରେ ନିଶ୍ଚୟ ସମର୍ଥ ହେବ ବୋଲି ଆଶା ଓ ବିଶ୍ୱାସ ।



# ଏତେ ଭାରି ଜୋତା!

ଜୋତା ତ ସମସ୍ତେ ପିନ୍ଧନ୍ତି । ବିଭିନ୍ନ ପ୍ରକାର ଡିଜାଇନ ଓ ବିଭିନ୍ନ ପ୍ରକାର ବ୍ରାଣ୍ଡର ପିନ୍ଧନ୍ତି । ହେଲେ ଆମେରିକାର ଆଶ୍ରିତା ଫର୍‌ମ୍ୟାନ ନାମକ ଜଣେ ବ୍ୟକ୍ତି ଏମିତି ହଳେ ଜୋତା ପିନ୍ଧିଥିଲେ ଯେ, ସମସ୍ତେ ଚକିତ ହୋଇଯାଇଥିଲେ । ଭାବୁଥିବେ ତାହା କେମିତିକା ଜୋତା କି ? ସେ ଜୋତା ହେଉଛି ପୃଥିବୀର ସବୁଠାରୁ ଭାରି ଜୋତା । ଏହାର ଓଜନ ୧୪୬.୫ କି.ଗ୍ରା. । ଉକ୍ତ ଜୋତାକୁ ୨ ହାତରେ ଧରି ଉଠାଇବା ବି ଭାରି କଷ୍ଟକର । ହେଲେ ଆଶ୍ରିତା ଉକ୍ତ ଜୋତାକୁ ପାଦରେ ପିନ୍ଧି ୧୦ ମିଟର ଚାଲିଥିଲେ । ୨୦୧୦ ନଭେମ୍ବର ୧୮ ଲଣ୍ଡନରେ ସେ ଏହି ଭାରି ଜୋତାକୁ ପିନ୍ଧି ବହୁ କଷ୍ଟରେ ପାଦ ଉଠାଇ ଉଠାଇ ଚାଲିଥିଲେ । ଆଉ ଗିନିଜ୍ ୱାର୍ଲଡ ରେକର୍ଡ୍ସର ସବୁଠାରୁ ଓଜନିଆ ଜୋତା ପିନ୍ଧି ଚାଲିବାର ରେକର୍ଡ କଲେ । ସୂଚନାଯୋଗ୍ୟ, ୧୯୫୪ରେ ଜନ୍ମିତ ଆଶ୍ରିତା ଫର୍‌ମ୍ୟାନ ବିଶ୍ୱର ସବୁଠାରୁ ଅଧିକ ଗିନିଜ




ୱାର୍ଲ୍ଡ ରେକର୍ଡ କରିଥିବା ବ୍ୟକ୍ତି ଭାବରେ ପ୍ରସିଦ୍ଧ । ୨୦୨୩ ମସିହା ସୁଦ୍ଧା ସେ ୭୦୦ରୁ ଅଧିକ ଅଫିସିଆଲ ଗିନିଜ ରେକର୍ଡ ସ୍ଥାପନ କରିସାରିଛନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କ ନାମରେ ୨୦୦ରୁ ଅଧିକ ସକ୍ରିୟ ରେକର୍ଡ ରହିଛି । ସବୁଠାରୁ ଅଧିକ ଗିନିଜ ୱାର୍ଲ୍ଡ ରେକର୍ଡ କରିବାର ବିଶ୍ୱ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି । ଆଶ୍ରିତାଙ୍କ କହିବା ଅନୁଯାୟୀ, ଧ୍ୟାନ ଏବଂ ଆଧ୍ୟାତ୍ମିକ ଶକ୍ତି ସାହାଯ୍ୟରେ ସେ ଏହି ଅସମ୍ଭବ ସଫଳତା ସବୁ ହାସଲ କରିପାରିଛନ୍ତି ।

# ଅଧା ବୁଡ଼ିଯାଇଥିବା ଜାହାଜ





ଏହି ଜାହାଜକୁ ଦେଖି ଟାଇଟାନିକ୍ ଜାହାଜ କଥା ମନେପଡୁଛି କି ? ଆଉ ଭାବୁଛନ୍ତି କି ଜାହାଜଟି ଅଧା ବୁଡ଼ି ସାରିଲାଣି । ଆଉ କିଛି ସମୟ ପରେ ପୂରା ବୁଡ଼ିଯିବ । ହେଲେ ନା । ଆପଣ ଯାହା ଭାବୁଛନ୍ତି ତାହା ଭୁଲ୍ । ଏଇ ଜାହାଜଟି ବୁଡିବାକୁ ଯାଉନାହିଁ । ବରଂ ଜାହାଜର ଡିଜାଇନ ହିଁ ଏମିତି ହୋଇଛି ଯେ, କେହି ବି ଏଭଳି ଭାବିବା ସ୍ୱାଭାବିକ । R/P FLIP ହେଉଛି ଏହି ଜାହାର ନାଁ । ଏହି ଜାହାଜ ହେଉଛି ଆମେରିକାର 'ଅଫିସ୍ ଅଫ୍ ନାଭାଲ ରିସର୍ଚ୍ଚ'ର ମାଲିକାନାରେ ଥିବା ଏକ ୧୦୮ ମିଟର ଲମ୍ବା ଗବେଷଣା ପ୍ଲାଟ୍‌ଫର୍ମ । ଏହାକୁ ଏପରି ଭାବରେ ଡିଜାଇନ କରାଯାଇଛି ଯେ ଏହାର କିଛି ଅଂଶ ପାଣିରେ ଭର୍ତ୍ତିହୋଇ ପଛକୁ ୯୦ ଡିଗ୍ରୀ ନଇଁଯାଏ, ଯାହାଫଳରେ କେବଳ ୧୭ ମିଟର ଅଂଶ ପାଣି ଉପରେ ରହେ । ଏହି ସମୟରେ ଏହାର ପାର୍ଶ୍ୱ କାନ୍ଥଗୁଡ଼ିକ ଡେକ୍ ଭାବରେ କାମକରେ । ସମୁଦ୍ର ପୃଷ୍ଠର ଢେଉ ପ୍ରଭାବିତ କରିପାରୁ ନ ଥିବା ଗଭୀରତାରେ ଏହାର ଅଧିକାଂଶ ଭାର ରହୁଥିବାରୁ R/P FLIP ଭାସମାନ ରହିପାରେ । ମିଶନ ଶେଷ ହେବା ପରେ ବାଲାଷ୍ଟ ଟ୍ୟାଙ୍କଗୁଡ଼ିକ ମଧ୍ୟକୁ କମ୍ପ୍ରେସ୍‌ଡ ଏୟାର ପଠାଯାଏ, ଯାହାଫଳରେ ସମ୍ପୂର୍ଣ୍ଣ ପ୍ଲାଟ୍‌ଫର୍ମ ପୁଣିଥରେ ଭୂସମାନ୍ତର ଅବସ୍ଥାକୁ ଫେରିଆସେ । ଭୂସମାନ୍ତରରୁ ଭୂଲମ୍ବ ଅବସ୍ଥାକୁ ଆସିବା ପାଇଁ ଏହାକୁ ୩୦ ମିନିଟ୍‌ରୁ ମଧ୍ୟ କମ୍ ସମୟ ଲାଗେ । R/P FLIP ର ବିକାଶ ୧୯୬୦ ମସିହାରେ ଗବେଷକ ଫ୍ରେଡେରିକ୍ ଏଚ୍. ଫିସର୍ ଏବଂ ମେରାଇନ୍ ଫିଜିକାଲ ଲାବରେଟୋରିର ନିର୍ଦ୍ଦେଶକ ଫ୍ରେଡ୍ ଏନ୍. ସ୍ପାଇସ୍‌ଙ୍କ ମଧ୍ୟରେ ହୋଇଥିବା ଏକ ଆଲୋଚନାରୁ ଆରମ୍ଭ ହୋଇଥିଲା ।

ଜୁନ୍ ୧୯୬୨ରେ ପୋର୍ଟଲାଣ୍ଡର ଗୁଣ୍ଡରସନ ବ୍ରଦର୍ସ ଇଞ୍ଜିନିୟରିଂ କମ୍ପାନୀ FLIP କୁ ଲଞ୍ଚକରିଥିଲା । ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିରେ ଥିବା ଅତି ସମ୍ବେଦନଶୀଳ ଶବ୍ଦ-ଗ୍ରହଣକାରୀ ଯନ୍ତ୍ରଗୁଡ଼ିକରେ ବାଧା ସୃଷ୍ଟିହେବା ଭୟରେ, R/P FLIP ର ନିଜସ୍ୱ କୌଣସି ଚାଳକ ଶକ୍ତି ନାହିଁ । ଏହାକୁ ଅନ୍ୟ ଏକ ଜାହାଜ ସାହାଯ୍ୟରେ ଟାଣି ଟାଣି ନେବାକୁ ପଡ଼େ । ଏହାର ଓଜନ ପ୍ରାୟ ୭୦୦ ଟନ ଏବଂ ଏଥିରେ ୫ ଜଣ କର୍ମଚାରୀଙ୍କ ସହ ୧୧ ଜଣ ବୈଜ୍ଞାନିକ ରହିପାରିବେ । ଉଭୟ ଭୂସମାନ୍ତର ଏବଂ ଭୂଲମ୍ବ ସ୍ଥିତିରେ କାମ କରିବା ପାଇଁ ଏହାର ଭିତର ଅଂଶରେ ଅନେକ ପରିବର୍ତ୍ତନ କରାଯାଇଛି । ଉଦାହରଣ ସ୍ୱରୂପ, ଶୌଚାଳୟର ସିଟ୍‌ଗୁଡ଼ିକ ୯୦ ଡିଗ୍ରୀ ବୁଲିପାରେ ଏବଂ ଶାୱାରଗୁଡ଼ିକ ୯୦ ଡିଗ୍ରୀ ବକ୍ରହୋଇ ରହିଥାଏ । FLIP ଭିତରେ ଚାଲିବା ଏକ ଅଜବ ଅନୁଭୂତି ହୋଇଥାଏ, ଯେଉଁଠି କବାଟଗୁଡ଼ିକ ଚଟାଣରୁ ବାହାରିଥିବା ପରି ଦିଶେ ଏବଂ ଝରକାଗୁଡ଼ିକ ଛାତରେ ଥାଏ ।

# ପାଞ୍ଚାଳୀ ପ୍ରଥା

ପରିସ୍ଥିତି ଚକ୍ରରେ ପଡ଼ି ମହାଭାରତରେ ପାଣ୍ଡବ ପାଞ୍ଚଭାଇଙ୍କୁ ଦ୍ରୌପଦୀ ବିବାହ କରିଥିଲେ । ହେଲେ ଏଭଳି ବିବାହ ଏବେ ବି ପୃଥିବୀର ଅନେକ ସମ୍ପ୍ରଦାୟରେ ଅଛି । ଯାହା 'ପାଞ୍ଚାଳୀ' ପ୍ରଥା ଭାବେ ପରିଚିତ । ନେପାଳର 'ନ୍ୟିନବା' ସମ୍ପ୍ରଦାୟ ହେଉଛି ସେଥିମଧ୍ୟରେ ଅନ୍ୟତମ । ରିପୋର୍ଟ ଅନୁଯାୟୀ, ଏହି ସମ୍ପ୍ରଦାୟର ଲୋକ  ନେପାଳର ହୁମଲା ଜିଲାର ଦୁର୍ଗମ ଅଞ୍ଚଳରେ ବାସ କରନ୍ତି । ଉକ୍ତ ସମ୍ପ୍ରଦାୟର ଯେଉଁ ଚାରୋଟି ଗାଁରେ ଏହି ପ୍ରଥା ରହିଛି ସେଗୁଡ଼ିକ ହେଲା ବରଗାଁ, ନିମତାଙ୍ଗ, ତୋରପା ଏବଂ ବୁରାଉସେ ଗାଁ । ଏହି ଚାରୋଟି ଗାଁ ସମୁଦ୍ର ପତ୍ତନରୁ ପ୍ରାୟ ୨,୫୫୦ରୁ ୩,୩୦୦ ମିଟର ଉଚ୍ଚତାରେ ଅବସ୍ଥିତ । କଠିନ ଭୌଗୋଳିକ ପରିସ୍ଥିତି ଏବଂ ସୀମିତ ସମ୍ବଳ ଯୋଗୁ ଏଠାରେ ଜୀବନ ଅତ୍ୟନ୍ତ କଷ୍ଟକର । ଏଠାରେ ଚାଷ ପାଇଁ ଜମି ଅତ୍ୟନ୍ତ ସୀମିତ । କୁହାଯାଏ,  ଏହି ଚାରୋଟି ଗାଁର ଚ୍ୟାଲେଞ୍ଜପୂର୍ଣ୍ଣ ଜୀବନଶୈଳୀ ଯୋଗୁ ହିଁ ଏହି ଅନନ୍ୟ ବିବାହ ପ୍ରଥାର ଜନ୍ମ ହୋଇଛି । ଏହି ସମ୍ପ୍ରଦାୟର ବିଶ୍ୱାସ ଯେ, ଯଦି ପ୍ରତ୍ୟେକ ଭାଇ ଅଲଗା ଅଲଗା ବିବାହ କରିବେ, ତେବେ ସମ୍ପତ୍ତି ଭାଗ ଭାଗ ହୋଇଯିବ । ଯଦ୍ୱାରା ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପାରେ । ତେଣୁ ଜଣେ ଝିଅ ସହିତ ସମସ୍ତ ଭାଇଙ୍କ ବିବାହକରି ସମ୍ପତ୍ତିକୁ ମିଳିତ ଭାବେ ରଖାଯାଏ । ଏହି ପ୍ରଥାରେ ପରିବାରର ସବୁଠାରୁ ବଡ଼ ପୁଅ ସହ କନ୍ୟାର ବିବାହ ହୁଏ । ବିବାହ ପରେ କନ୍ୟା ବରର ସମସ୍ତ ଭାଇଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ ହୁଏ । ଏହି ବ୍ୟବସ୍ଥାରେ ସମସ୍ତ ଭାଇଙ୍କୁ ସମାନ ଅଧିକାର ଦିଆଯାଏ । ତଥାପି ବଡ଼ଭାଇ ହିଁ ପରିବାରର ମୁଖ୍ୟ ହୋଇଥାନ୍ତି । ତାଙ୍କ ନିଷ୍ପତ୍ତିକୁ ପରିବାରର ଶେଷ ନିଷ୍ପତ୍ତି ବୋଲି ଧରାଯାଏ । ସାଧାରଣତଃ ଏହି ସମ୍ପ୍ରଦାୟରେ ମହିଳାମାନେ ଘରକାମ କରନ୍ତି । ଆଉ ପୁରୁଷମାନେ ଚାଷ, ବ୍ୟାପାର ସହ ସମସ୍ତ କଷ୍ଟକର କାମ କରନ୍ତି । ପିଲାମାନଙ୍କର ଲାଳନପାଳନ ଦାୟିତ୍ୱ ସବୁ ଭାଇ ମିଳିତ ଭାବେ ନିର୍ବାହ କରନ୍ତି । ପିତୃତ୍ୱକୁ ନେଇ ଯେପରି ବିବାଦ ନ ହୁଏ, ସେଥିପାଇଁ ପିଲାମାନଙ୍କୁ କୌଣସି ଜଣେ ଭାଇଙ୍କର ନୁହେଁ, ବରଂ ସମ୍ପୂର୍ଣ୍ଣ ପରିବାରର ବୋଲି ବିବେଚନା କରାଯାଏ ।

